ସକାଳ THE SAKALA
ସିନ୍ଦୂରା
ରବିବାର
ଅକ୍ଟୋବର ୧୧-୧୭,୨୦୨୬
www.sakalaepaper.com

ଯୁପିଆଇ ହେଉଛି ଏନ୍‌ପିସିଆଇ ବା ଭାରତୀୟ ଜାତୀୟ ପେମେଣ୍ଟ୍‌ସ୍ ନିଗମ ଦ୍ୱାରା ବିକଶିତ ଏକ ତତ୍‌କ୍ଷଣାତ୍ ଡିଜିଟାଲ୍ ଅର୍ଥ ହସ୍ତାନ୍ତର ବ୍ୟବସ୍ଥା । ଏହା ମାଧ୍ୟମରେ ଜଣେ ବ୍ୟକ୍ତି ଅନ୍ୟ ଜଣଙ୍କୁ କିମ୍ବା ଜଣେ ଗ୍ରାହକ ଯେ, କୌଣସି ବ୍ୟବସାୟୀଙ୍କୁ ସହଜରେ ଟଙ୍କା ପଠାଇପାରିବେ । ମୋବାଇଲ୍ ନମ୍ବର, ଯୁପିଆଇ ଆଇଡି କିମ୍ବା କ୍ୟୁଆର୍ କୋଡ୍ ବ୍ୟବହାର କରି ଏହି କାରବାର କରାଯାଇଥାଏ । ଦିନକୁ ଦିନ ଯୁପିଆଇର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ପନିପରିବା ଦୋକାନଠାରୁ ଆରମ୍ଭ କରି ବଡ଼ ବଡ଼ ସପିଂ ମଲ୍, ଔଷଧ ଦୋକାନ, ପରିବହନ ସେବା ଓ ଅନ୍‌ଲାଇନ୍ କ୍ରୟ ପର୍ଯ୍ୟନ୍ତ ଯୁପିଆଇର ବ୍ୟାପକ ବ୍ୟବହାର ହେଉଛି । ବିଶେଷକରି ଗ୍ରାମାଞ୍ଚଳର କ୍ଷୁଦ୍ର ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ପାଇଁ ଏହା ଅର୍ଥ କାରବାରକୁ ଅଧିକ ସହଜ ଓ ସରଳ କରିଛି । ବର୍ତ୍ତମାନ ଯୁପିଆଇ ପେମେଣ୍ଟ ଉପରେ ଏମ୍‌ଡିଆର ବା ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ ଶୁଳ୍କ ବ୍ୟବସ୍ଥାକୁ ନେଇ ବିବାଦ ଉଠିଛି । ଏହି ପରିପ୍ରେକ୍ଷୀରେ ଏମ୍‌ଡିଆର୍ ଶୁଳ୍କ ବୃଦ୍ଧିର ବିଭିନ୍ନ ଦିଗକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା ।

ପ୍ରସ୍ତୁତି 'ସକାଳ' ବ୍ୟୁରୋ

ବିତର୍କରେ ଏମ୍‌ଡିଆର୍ ଶୁଳ୍କ

ସଂପ୍ରତି ଡିଜିଟାଲ୍ ଅର୍ଥନୀତି ଭାରତର ଆର୍ଥିକ କାରବାରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି । ପୂର୍ବରୁ ଟଙ୍କା ଉଠାଇବା, ଜମା କରିବା ଓ ଅନ୍ୟ ପାଖକୁ ଟଙ୍କା ପଠାଇବା ପାଇଁ ବ୍ୟାଙ୍କରେ ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ପଡୁଥିଲା । ବର୍ତ୍ତମାନ ସମୟ ବଦଳି ଯାଇଛି । ଏବେ ମୋବାଇଲ୍‌ରେ ମାତ୍ର କେଇ ସେକେଣ୍ଡ ମଧ୍ୟରେ ଏହି ସବୁ ସମସ୍ୟାର ସମାଧାନ ହୋଇଯାଉଛି । ଏହି ପରିବର୍ତ୍ତନର ମୁଖ୍ୟ ଆଧାର ହେଉଛି ଯୁପିଆଇ ବା ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ । ଫୋନ୍-ପେ,ଗୁଗୁଲପେ, ପେଟିଏମ୍, କ୍ୟୁଆର୍ କୋଡ୍, ଯୁପିଆଇ ଲାଇଟ୍ ଆଦି ମାଧ୍ୟମରେ ପେମେଣ୍ଟ କରିବା ସହଜ ହେଉଛି । ତେବେ ଅକ୍ଟୋବର ୧୫ ତାରିଖରୁ ୨୦୦୦ ଟଙ୍କାରୁ ଅଧିକ ଯୁପିଆଇ ପେମେଣ୍ଟ ଉପରେ ୦.୪% ଏମ୍‌ଡିଆର୍ ବା ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ ଶୁଳ୍କ ଲାଗୁ ହେବ । ତେଣୁ ଯୁପିଆଇ ପେମେଣ୍ଟ ଉପରେ ଶୁଳ୍କ ଲାଗୁ କରିବା ପ୍ରସଙ୍ଗକୁ ନେଇ ବ୍ୟବସାୟୀ, ଗ୍ରାହକ ଓ ଅର୍ଥନୀତି ବିଶେଷଜ୍ଞମାନଙ୍କ ଭିତରେ ସରଗରମ ଆଲୋଚନା ଚାଲିଛି । ଏହି ପରିପ୍ରେକ୍ଷୀରେ ଯୁପିଆଇ ପେମେଣ୍ଟ ଓ ଏମ୍‌ଡିଆର୍ ଶୁଳ୍କକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା ।

ବର୍ତ୍ତମାନ କୋଟି କୋଟି ଭାରତୀୟ ଯୁପିଆଇ ମାଧ୍ୟମରେ ପେମେଣ୍ଟ କରିବାକୁ ପସନ୍ଦ କରୁଛନ୍ତି । ୫ ଟଙ୍କାର ଚା' ହେଉ କି ୫୦ ହଜାର ଟଙ୍କାର ବୀମା ପ୍ରିମିୟମ ହେଉ – ଅଧିକାଂଶ ଲୋକ ଯୁପିଆଇରେ ପ୍ରଦାନ କରୁଛନ୍ତି । ପନିପରିବା କିଣିବା, ମଲ୍‌ରେ ବଡ଼ ବଡ଼ ଜିନିଷ କିଣିବା, ଚା' ଦୋକାନ, ଗ୍ରୋସରୀ ଦୋକାନ, ଟ୍ରେନ୍ ଟିକେଟ କାଟିବା, ସ୍କୁଲ ଫିଜ୍ ଦେବା, ବୀମା ପ୍ରିମିୟମ୍ ଆଦି ପ୍ରତ୍ୟେକ କାରବାରରେ ଲୋକେ ଯୁପିଆଇରେ ପେମେଣ୍ଟ କରିବାକୁ ଚାହୁଁଛନ୍ତି । ତେଣୁ ଦ୍ରୁତ ଗତିରେ ଯୁପିଆଇର ଚାହିଦା ବୃଦ୍ଧି ପାଇବାରେ ଲାଗିଛି । ତେବେ ଯୁପିଆଇ ପେମେଣ୍ଟରେ ଠକେଇ ରୋକିବା, ସିଷ୍ଟମରେ ସ୍ଥିରତା ଆଣିବା, ଏତେ ବଡ଼ ପେମେଣ୍ଟ ନେଟୱାର୍କ ଚଳାଇବା ଚ୍ୟାଲେଞ୍ଜ ହୋଇପଡ଼ିଛି । ଆଗାମୀ ଦିନରେ ୨୦୦୦ ଟଙ୍କାରୁ ଅଧିକ ଯୁପିଆଇ ପେମେଣ୍ଟ ଉପରେ ୦.୪% ଏମ୍‌ଡିଆର୍ ଶୁଳ୍କ ଲାଗୁ ହେବ । ତେବେ ନିୟମିତ ଦେୟଗୁଡ଼ିକ ପ୍ରଦାନରେ ଯେପରି କୌଣସି ବ୍ୟାଘାତ ସୃଷ୍ଟି ନହୁଏ, ଦୀର୍ଘ ସମୟ ଧରି ସିଷ୍ଟମକୁ ଅଧିକ ନିରାପଦ ଏବଂ ଅଧିକ ସ୍ଥାୟୀ କରିବା ପାଇଁ ଏହି ପରିବର୍ତ୍ତନ ଗୁଡ଼ିକ କରାଯାଇଛି ।

ଅଲଗା ଅଲଗା ନିୟମ

କିଛି ବିଶେଷ ସେକ୍ଟର ପାଇଁ ଏମ୍‌ଡିଆର୍ ଶୁଳ୍କ ଅଲଗା ଅଲଗା ରହିବ । ରେଲୱେ, ଟେଲିକମ୍,ବୀମା, ଇନ୍ଧନ ଆଦି ଶ୍ରେଣୀ ପାଇଁ ୨ ହଜାର ଟଙ୍କାରୁ ଅଧିକ ଯୋଗ୍ୟ କାରବାର ଉପରେ ୦.୪ ପ୍ରତିଶତ ବଦଳରେ ପ୍ରତି କାରବାରକୁ ୫ ଟଙ୍କା ଫ୍ଲାଟ୍ ଏମ୍‌ଡିଆର୍ ଲାଗୁ ହେବ । ସେଭଳି ମିଚ୍ୟୁଆଲ୍ ଫଣ୍ଡସ୍, ସିକ୍ୟୁରିଟି, ଷ୍ଟକ୍ ବ୍ରୋକର୍ ସହିତ ଜଡ଼ିତ ପେମେଣ୍ଟ ଉପରେ ୦.୨ ପ୍ରତିଶତ ଏମ୍‌ଡିଆର୍ ଲାଗୁ ହେବ, ଯାହା ସର୍ବାଧିକ ୩୦୦ ଟଙ୍କା ପ୍ରତି କାରବାର ଉପରେ ନିଆଯିବ । ବିଭିନ୍ନ ବ୍ୟବସାୟୀ ସଂଘ ଓ ବ୍ୟବସାୟୀମାନଙ୍କ ପକ୍ଷରୁ ଯୁପିଆଇ ପେମେଣ୍ଟ ଉପରେ ଏମ୍‌ଡିଆର୍ ଶୁଳ୍କକୁ ନେଇ ବିରୋଧ ହେବା ପରେ ଏହାକୁ ୨୦୨୭ ଜାନୁଆରିରୁ ଲାଗୁ କରିବା ପାଇଁ ସରକାର ଚିନ୍ତା କରୁଛନ୍ତି । ପ୍ରସ୍ତାବିତ ଏମ୍‌ଡିଆର୍ ଶୁଳ୍କ ପ୍ରତ୍ୟାହାର କରିବାକୁ ଜିଟିଆର୍‌ଆଇ ବା ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ସେହିପରି ବ୍ୟବସାୟୀ ଓ ଗ୍ରାହକ ଉଭୟଙ୍କୁ ଯୁପିଆଇ ମାଗଣା କରିବାକୁ ଏହି ଅନୁଷ୍ଠାନ ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ତେବେ ଏମ୍‌ଡିଆର୍ ଶୁଳ୍କ ଯେବେଠାରୁ ଲାଗୁ ହେଲେ ମଧ୍ୟ ଗ୍ରାହକ ଓ ବ୍ୟବସାୟୀ ପ୍ରଭାବିତ ହେବେ ବୋଲି କୁହାଯାଉଛି । ଯଦି ଗ୍ରାହକଙ୍କୁ ଏହି ଶୁଳ୍କ ଦେବାକୁ ପଡ଼ିବ ନାହିଁ ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହେବେ । ସେପଟେ ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହେଲେ ଦର ବୃଦ୍ଧି ହେବାର ସମ୍ଭାବନା ରହିଛି । ତେଣୁ ଯୁପିଆଇ ପେମେଣ୍ଟ ଉପରେ ଏମ୍‌ଡିଆର ଶୁଳ୍କ ଲାଗୁକୁ ନେଇ ଏବେ ବିବାଦ ତେଜିବାରେ ଲାଗିଛି ।

ଅଧିକ ଯୁପିଆଇ ପେମେଣ୍ଟ ପ୍ରଭାବିତ

୨୦୦୦ ଟଙ୍କାରୁ ଅଧିକ ପର୍ସନ ଟୁ ମର୍ଚ୍ଚାଣ୍ଟ ଦେଣନେଣ ଉପରେ ୦.୪% ଏମ୍‌ଡିଆର୍ ଲାଗୁ ହେବ । ଏହି ଶୁଳ୍କ ଗ୍ରାହକଙ୍କଠାରୁ ସିଧା ଅସୁଲ କରିବା ବଦଳରେ ବ୍ୟବସାୟୀଙ୍କ ଉପରେ ପଡ଼ିବ । ସେହିପରି ବଡ଼ ପେମେଣ୍ଟ ଉପରେ ମ୍ୟାକ୍ସିମମ୍ କ୍ୟାପ୍ ମଧ୍ୟ ରଖାଯାଇଛି । ୭୫ ହଜାରରୁ ଅଧିକ ଟଙ୍କାର ଯୁପିଆଇ ପେମେଣ୍ଟ ଉପରେ ଏମ୍‌ଡିଆର୍ ସର୍ବାଧିକ ୩୦୦ ଟଙ୍କା ରହିବ । ଅର୍ଥାତ୍ ୧ ଲକ୍ଷ ଟଙ୍କା ପେମେଣ୍ଟ ଉପରେ ୦.୪ ପ୍ରତିଶତ ହିସାବରେ ୪୦୦ ଟଙ୍କା ହେବ, କିନ୍ତୁ ମ୍ୟାକ୍ସିମମ୍ କ୍ୟାପ କାରଣରୁ ବ୍ୟବସାୟୀଙ୍କ ସର୍ବାଧିକ ୩୦୦ ଟଙ୍କା ନିଆଯିବ ।

ପିଟୁଏମ୍ ଓ ପିଟୁପି କଣ

କୌଣସି ଦୋକାନରୁ ଜିନିଷ କିଣି କ୍ୟୁଆର୍ କୋଡ୍ ସ୍କାନ୍ ମାଧ୍ୟମରେ ଟଙ୍କା ପ୍ରଦାନକୁ ପର୍ସନ-ଟୁ-ମର୍ଚ୍ଚାଣ୍ଟ ବା ପିଟୁଏମ୍ ବୋଲି କୁହାଯାଏ । ସେହିପରି ପିଟୁପି ଅର୍ଥ ହେଉଛି ପର୍ସନ-ଟୁ-ପର୍ସନ । ଜଣେ ବ୍ୟକ୍ତି ଆଉ ଜଣେ ବ୍ୟକ୍ତିଙ୍କୁ ଯୁପିଆଇ ମାଧ୍ୟମରେ ଟଙ୍କା ପଠାଇବାର ବ୍ୟବସ୍ଥାକୁ ପିଟୁପି କୁହାଯାଏ । ଏଭଳି ପିଟୁପି ଯୁପିଆଇ କାରବାର ଉପରେ ନୂଆ ଏମ୍‌ଡିଆର ଲାଗୁ ହେବ ନାହିଁ । ଅର୍ଥାତ୍ ପରିବାର ସଦସ୍ୟ ବା ବନ୍ଧୁ ପାଖକୁ ଯୁପିଆଇ ମାଧ୍ୟମରେ ଯେତେ ଟଙ୍କା ପଠାଇଲେ ମଧ୍ୟ ଏମ୍‌ଡିଆର୍ ନିୟମ ଲାଗୁ ହେବ ନାହିଁ । କେବଳ ବ୍ୟବସାୟ ବା ସେବା ପ୍ରଦାନକାରୀଙ୍କୁ ଟଙ୍କା ପୈଠ ଉପରେ ଏମ୍‌ଡିଆର୍ ଶୁଳ୍କ ଲାଗୁ ହେବ ।



କେତେ ଟଙ୍କାରେ କେତେ ଚାର୍ଜ

ଦୈନନ୍ଦିନ ପ୍ରାୟ ୯୬ ପ୍ରତିଶତ ଯୁପିଆଇ ପେମେଣ୍ଟ ଉପରେ ଶୂନ୍ୟ ଏମ୍‌ଡିଆର୍ ଲାଗିଥାଏ । ନୂଆ ନିୟମରେ ୨,୦୦୦ ଟଙ୍କା ପର୍ଯ୍ୟନ୍ତ କୌଣସି ବି ମର୍ଚ୍ଚାଣ୍ଟ କାରବାର ଉପରେ କୌଣସି ଶୁଳ୍କ ନାହିଁ । ୨, ୦୦୦ ଟଙ୍କାରୁ ଅଧିକ ପେମେଣ୍ଟ, ଯେପରିକି ୫,୦୦୦ ଟଙ୍କାରେ ୨୦ଟଙ୍କା, ୧୦,୦୦୦ ଟଙ୍କାରେ ୪୦ଟଙ୍କା ଏବଂ ୭୫,୦୦୦ ଟଙ୍କା କିମ୍ବା ୧ ଲକ୍ଷ ଟଙ୍କାରେ ସର୍ବାଧିକ ୩୦୦ ଟଙ୍କାର କ୍ୟାପ୍ ଲାଗୁ ହେବ । ଏହା ବ୍ୟତୀତ ରେଳ, ଟେଲିକମ୍, ବୀମା, ଇନ୍ଧନ ଏବଂ କୃଷି ଭଳି ଆବଶ୍ୟକୀୟ ଓ କମ୍-ମାର୍ଜିନ୍ ଥିବା ସେବାଗୁଡ଼ିକରେ ୨,୦୦୦ ଟଙ୍କାରୁ ଅଧିକ ପେମେଣ୍ଟ ଉପରେ ପ୍ରତିଶତ ବଦଳରେ କେବଳ ୫ ଟଙ୍କାର ଫ୍ଲାଟ୍ ଏମ୍‌ଡିଆର୍ ଲାଗୁ ପାଇଁ ସ୍ଥିର କରାଯାଇଛି ।

ଏମ୍‌ଡିଆର୍ ବ୍ୟବସ୍ଥାକୁ ବିରୋଧ

ଯୁପିଆଇ ପେମେଣ୍ଟ ଉପରେ ଏମ୍‌ଡିଆର୍‌ର ନୂଆ ନିୟମ ଲାଗୁ ନେଇ ଘୋଷଣ ହେବା ପରଠାରୁ ବିରୋଧ ଆରମ୍ଭ ହୋଇଯାଇଛି । ଏହି ନୂଆ ନିୟମକୁ ନେଇ ପଟ୍ରୋଲ ପମ୍ପ ଡିଲରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । କାରଣ ପ୍ରତିଦିନ ପେଟ୍ରୋଲ ପମ୍ପଗୁଡ଼ିକ ଟ୍ରକ୍, ବସ୍, କାର୍ ଆଦି ବଡ଼ ବଡ଼ ଗାଡ଼ିଗୁଡ଼ିକ ଅଧିକ ଟଙ୍କାର ପେଟ୍ରୋଲ, ଡିଜେଲ ଭର୍ତ୍ତି କରିଥାନ୍ତି । ଆଉ ସେମାନଙ୍କ ମଧ୍ୟରୁ ଅଧିକାଂଶ ଯୁପିଆଇ ମାଧ୍ୟମରେ ପ୍ରାପ୍ୟ ପ୍ରଦାନ କରିଥାନ୍ତି । ନୂଆ ନିୟମ ଲାଗୁ ହେଲେ ସେମାନେ କ୍ଷତିଗ୍ରସ୍ତ ହେବେ । ସେଥିପାଇଁ ଡିଲରମାନଙ୍କ ଯୁକ୍ତି ହେଲା, ପେଟ୍ରୋଲ, ଡିଜେଲ ବିକ୍ରିରେ ବ୍ୟବଧାନ ତୁଳନାତ୍ମକ ଭାବେ କମ୍ ଥିବାରୁ ପ୍ରତ୍ୟେକ ଯୁପିଆଇ କାରବାରରେ ଏମ୍‌ଡିଆର୍ ଶୁଳ୍କ ଦେବା ଅତିରିକ୍ତ ଖର୍ଚ୍ଚ ବୃଦ୍ଧି କରିବ । ତେଣୁ କିଛି ଡିଲର ସଂଗଠନ ଏହି ଶୁଳ୍କରେ ରିହାତି ଦେବା ପାଇଁ ସରକାରଙ୍କଠାରେ ଦାବି କରିଛନ୍ତି । ତେବେ ପଟ୍ରୋଲ ପମ୍ପରେ ୨ ହଜାର ଟଙ୍କା ପର୍ଯ୍ୟନ୍ତ ଯୁପିଆଇ ପେମେଣ୍ଟରେ ଏମ୍‌ଡିଆର୍ ଶୁଳ୍କ ଶୂନ ରହିବ । ଯଦି ୨ ହଜାରରୁ ଅଧିକ ତେଲ ପେମେଣ୍ଟରେ ପେଟ୍ରୋଲ ପମ୍ପ ଅପରେଟରଙ୍କ ପାଇଁ ୫ ଟଙ୍କାର ଫ୍ଲାଟ୍ ଏମ୍‌ଡିଆର୍ ଲାଗୁ ହେବ ବୋଲି ଜଣାପଡ଼ିଛି । ତେଣୁ ପଟ୍ରୋଲ ପମ୍ପ ଡିଲରମାନଙ୍କ ଦାବି ଓ ଯୁପିଆଇ ଗ୍ରହଣକୁ ନେଇ ସରକାର କି ପଦକ୍ଷେପ ନେଉଛନ୍ତି, ତାହା ଆଗକୁ ଜଣାପଡ଼ିବ । ସେପଟେ ଅକ୍ଟୋବର ୨ ତାରିଖକୁ ଦେଶର ଅନେକ ସହରରେ କେତେକ ବ୍ୟବସାୟୀ ସଂଗଠନ ଓ ଦୋକାନୀ 'ନୋ ଯୁପିଆଇ ଡେ' ଭାବରେ ପାଳନ କରିଛନ୍ତି । 'ଅଲ୍ ଇଣ୍ଡିଆ ମୋବାଇଲ୍ ରିଟେଲ୍‌ର୍ସ ଆସୋସିଏସନ୍' ମୋବାଇଲ୍ ରିଟେଲର୍ସଙ୍କ ପକ୍ଷରୁ ଏମ୍‌ଡିଆର୍ ଶୁଳ୍କକୁ ବିରୋଧ କରାଯାଇଥିଲା । କାରଣ ଯୁପିଆ ପେମେଣ୍ଟ ଉପରେ ଏମ୍‌ଡିଆର୍ ଲାଗୁ ହେଲେ ମୋବାଇଲ୍ ରିଟେଲର୍ସଙ୍କ ଉପରେ ଅତିରିକ୍ତ ବୋଝ ପଡ଼ିପାରେ । ତେଣୁ ଏମ୍‌ଡିଆର୍ ବ୍ୟବସ୍ଥା ପ୍ରଥମରୁ ଯେଭଳି ଚାଲିଥିଲା ତାହା ଜାରି ରଖିବାକୁ ଦାବି କରିଛନ୍ତି ।

ବ୍ୟବସାୟ ଉପରେ ପ୍ରଭାବ

ବର୍ତ୍ତମାନ ଯୁପିଆଇ ପେମେଣ୍ଟକୁ ନେଇ ନୂଆ ନିୟମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଶ୍ୱସନୀୟତା, ପେମେଣ୍ଟରେ ସ୍ୱଚ୍ଛତା ଓ ନିୟମର ଅନୁପାଳନ ଠିକ୍ ଭାବେ କରିବା । ନୂଆଁ ଏମ୍‌ଡିଆର୍ ବା ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ ନିୟମରେ ପର୍ସନ ଟୁ ମର୍ଚ୍ଚାଣ୍ଟ ନେଣଦେଣ ଉପରେ ଶୁଳ୍କ ଲାଗିବ । ଫଳରେ ଯୁପିଆଇ ବ୍ୟବହାରକାରୀଙ୍କୁ ପ୍ରତିଥର ଅତିରିକ୍ତ ଟଙ୍କା ଦେବାକୁ ପଡ଼ିବ । ମୁଖ୍ୟତଃ ଏମ୍‌ଡିଆର୍ ବ୍ୟବସାୟ ବା ବେପାର କ୍ଷେତ୍ରରେ ଲାଗୁ ହେବ । ତେବେ ୨୦୦୦ ଟଙ୍କା ପର୍ଯ୍ୟନ୍ତ କାରବାର ଉପରେ କୌଣସି ଶୁଳ୍କ ଲାଗୁ ହେବ ନାହିଁ । ସେପେଟ ଏହାସହ ଛୋଟ ବ୍ୟବସାୟୀ ଏବଂ ସାଧାରଣ ନେଣଦେଣକୁ ଏହି ନିୟମରୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଛି । ୨୦୦୦ ଟଙ୍କା ବା ତା'ଠାରୁ କମ୍ ଟଙ୍କା ପର୍ସନ ଟୁ ମର୍ଚ୍ଚାଣ୍ଟ ଉପରେ ଏମ୍‌ଡିଆର୍ ଲାଗୁ ହେବ ନାହିଁ । ଅର୍ଥ ମନ୍ତ୍ରାଳୟ ଅନୁସାରେ ପ୍ରାୟ ୯୬% ବ୍ୟବସାୟିକ କାରବାର ପ୍ରଭାବିତ ହେବ ନାହିଁ । କାରଣ ୨୦୦୦ ଟଙ୍କାରୁ କମ୍ କାରବାର ଉପରେ ଏମ୍‌ଡିଆର୍ ବ୍ୟବସ୍ଥା ଆସୁନାହିଁ । ଏହାର ଅର୍ଥ ପ୍ରତିଦିନ ଛୋଟ ଛୋଟ ଜିନିଷ କିଣିବା ପାଇଁ ଯୁପିଆଇ ବ୍ୟବହାର କରୁଥିବା ଗ୍ରାହକ ଏବଂ କାରବାର ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ । ତେବେ ଏହି ଶୁଳ୍କ ଲାଗୁ ହେଲେ କିଏ ଅଧିକ କ୍ଷତିଗ୍ରସ୍ତ ହେବେ - ବ୍ୟବସାୟୀ ନା ଗ୍ରାହକମାନେ? ତାହା ନିୟମ ଲାଗୁ ହେଲା ପରେ ଜଣାପଡ଼ିବ ।

ଭାରତରେ ଡିଜିଟାଲ୍ ଅର୍ଥ କାରବାରର ଲୋକପ୍ରିୟତାର ଏକ ପ୍ରମୁଖ କାରଣ ହେଉଛି ଏହାର ସହଜ ଓ ମାଗଣା ସେବା । ଯଦି ବ୍ୟବସାୟୀଙ୍କ ଉପରେ ଅତିରିକ୍ତ ଖର୍ଚ୍ଚ ଲାଗୁ ହୁଏ, ତେବେ କେତେକ ବ୍ୟବସାୟୀ ଗ୍ରାହକଙ୍କୁ ନଗଦ ଟଙ୍କା ଦେବା ପାଇଁ ଉତ୍ସାହିତ କରିପାରନ୍ତି କିମ୍ବା ପରୋକ୍ଷରେ ଦ୍ରବ୍ୟ ଓ ସେବାର ମୂଲ୍ୟ ବଢ଼ାଇ ଦେଇପାରନ୍ତି ।

ଯୁପିଆଇ କେବଳ ଟଙ୍କା ପଠାଇବାର ଏକ ମାଧ୍ୟମ ନୁହେଁ; ଏହା ଭାରତର ଡିଜିଟାଲ୍ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଲୋକଙ୍କ ଆସ୍ଥା, ସହଜ ଉପଲବ୍ଧ ଓ ସ୍ୱଳ୍ପ ଖର୍ଚ୍ଚ ଉପରେ ଏହାର ସଫଳତା ନିର୍ଭର କରେ । ତେଣୁ ଏହାର ପରିଚାଳନା ଖର୍ଚ୍ଚ ଭରଣା କରିବା ଯେତିକି ଆବଶ୍ୟକ, ସାଧାରଣ ଲୋକଙ୍କ ଉପରେ ଆର୍ଥିକ ବୋଝ ନ ପକାଇବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ତେଣୁ ଯୁପିଆଇ ଉପରେ ଏମ୍‌ଡିଆର୍ ଶୁଳ୍କ ଲାଗୁ କରିବା ପ୍ରସଙ୍ଗରେ ସରକାର ଉଚିତ ପଦକ୍ଷେପ ନେବା ଆବଶ୍ୟକ । ଯେପରି ଏହି ନୀତି ଡିଜିଟାଲ୍ ଅର୍ଥନୀତିର ସ୍ଥିରତା ରକ୍ଷା କରିବା ସହିତ ଗରିବ, ମଧ୍ୟବିତ୍ତ, କ୍ଷୁଦ୍ର ବ୍ୟବସାୟୀ ଓ ସାଧାରଣ ଗ୍ରାହକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେଇପାରିବ । ଡିଜିଟାଲ୍ କାରବାରର ଲକ୍ଷ୍ୟ କେବଳ ଆର୍ଥିକ ଲାଭ ନୁହେଁ, ବରଂ ଜନସାଧାରଣଙ୍କ ଆର୍ଥିକ କାରବାରକୁ ସହଜ, ସରଳ, ସୁରକ୍ଷିତ ଓ ସୁବିଧାଜନକ କରିବା ଉଚିତ । ■

ଥମୁନି ୟୁପିଆଇ ବିବାଦ

ଭାରତରେ ୟୁପିଆଇ ବିରୋଧ ଏବେ ପ୍ରମୁଖ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ୟୁପିଆଇ ନେଣଦେଣ ଉପରେ ପ୍ରସ୍ତାବିତ ଏମ୍‌ଡିଆର୍ ଶୁଳ୍କକୁ ନେଇ ଓଡ଼ିଶା ସମେତ ସାରା ଦେଶର ବ୍ୟବସାୟୀମାନେ ଏହାକୁ ତୀବ୍ର ବିରୋଧ କରୁଛନ୍ତି । ତେବେ ସରକାରଙ୍କ ତରଫରୁ ୟୁପିଆଇ ମାଧ୍ୟମରେ ଲୋକଙ୍କୁ ସୁବିଧା ପ୍ରଦାନ କରାଯାଉଥିଲା । ହେଲେ ୨ ହଜାର ଟଙ୍କାରୁ ଅଧିକ ୟୁପିଆଇ କାରବାର ଉପରେ ୦.୪ ପ୍ରତିଶତ ଏମ୍‌ଡିଆର ଦେୟ ଅକ୍ଟୋବର ୧୫ରୁ ଲାଗୁ ହେବାକୁ ଯାଉଛି । ଏହାକୁ ନେଇ ବ୍ୟବସାୟୀ ମହଲରେ କାହିଁକି ପ୍ରବଳ ଅସନ୍ତୋଷ ଦେଖା ଦେଇଛି ତାହାକୁ ନେଇ ଏହି ଉପସ୍ଥାପନା ।

ବ୍ୟବସାୟ ଉପରେ ଆର୍ଥିକ ଚାପ

ବାବୁଲାଲ କହିଛନ୍ତି ୟୁପିଆଇ ମାଧ୍ୟମରେ ହେଉଥିବା କାରବାରରେ ଏମ୍‌ଡିଆର୍ ଚାର୍ଜ ଲାଗୁ ହେବା ଦ୍ୱାରା ବ୍ୟବସାୟୀଙ୍କ ଉପରେ ଅତିରିକ୍ତ ଖର୍ଚ୍ଚ ପଡ଼ିବ । ଡିଜିଟାଲ ପେମେଣ୍ଟର ବ୍ୟବହାର ଏବେ ଛୋଟଠୁ ଆରମ୍ଭ କରି ବଡ଼ ବ୍ୟବସାୟୀମାନେ ବି କରୁଛନ୍ତି । ସେହିପରି ଏହାକୁ ପ୍ରତ୍ୟାହାର କରା ନଗଲେ ଆଗକୁ ଏହି ଆନ୍ଦୋଳନ ଆଗକୁ ବଢ଼ିବ ବୋଲି ବି ଚେତାବନୀ ଦିଆଯାଇଛି । ଏହାବାଦ୍ ଏହାର ପ୍ରଭାବ କେବଳ ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ବରଂ ଗ୍ରାହକଙ୍କ ଉପରେ ଆର୍ଥିକ ଚାପ ପଡ଼ିପାରେ । ବ୍ୟବସାୟୀମାନେ କହିଛନ୍ତି ଯେ ୟୁପିଆଇ କାରବାର ଉପରେ ଏହି ଶୁଳ୍କ ଲାଗୁ ହେବା ଦ୍ୱାରା ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହନ କରୁଥିବା 'ଡିଜିଟାଲ ଇଣ୍ଡିଆ' ପ୍ରୟାସକୁ ମଧ୍ୟ ଏକପ୍ରକାର ଶକ୍ତ ଝଟକା ଲାଗିବ । ଏସ୍‌ଏନ୍‌ଏମ୍‌ଏମ୍‌ଟି ସଭାପତି ଅଶୋକ ରନ୍ଧାୱା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ପ୍ରସ୍ତାବର ପୁନର୍ବିଚାର କରିବାକୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଯେ କ୍ଷୁଦ୍ର ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୨ ହଜାର ଟଙ୍କାରୁ ଅଧିକ ୟୁପିଆଇ ପେମେଣ୍ଟ ଉପରେ ପ୍ରସ୍ତାବିତ ଏମଡିଆର୍‌କୁ ପ୍ରତ୍ୟାହାର କରାଯିବା ଉଚିତ ।

ନୋ ୟୁପିଆଇ ଡେ

ୟୁପିଆଇ ପେମେଣ୍ଟରେ ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ (ଏମ୍‌ଡିଆର୍) ସମ୍ପର୍କରେ ସରକାରୀ ସ୍ପଷ୍ଟୀକରଣ ସତ୍ତ୍ୱେ ବ୍ୟବସାୟୀଙ୍କ ଅସନ୍ତୋଷ କି ପ୍ରତିବାଦ ଥମୁ ନାହିଁ । ଅଲ୍ ଇଣ୍ଡିଆ ମୋବାଇଲ୍ ରିଟେଲର୍ସ ଆସୋସିଏସନ (ଏଆଇଏମ୍‌ଆର୍‌ଏ) ଏବଂ ଅନ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଦିନ ସାରା ଦେଶରେ 'ନୋ ୟୁପିଆଇ ଡେ' ପାଳନ କରିବାକୁ ଘୋଷଣା କରାଯାଇଥିଲା । ଦୋକାନୀମାନେ ନିଜ କ୍ୟୁଆର୍ କୋଡ୍‌କୁ କଳା କପଡ଼ାରେ ଘୋଡ଼ାଇ ଅନଲାଇନ୍ ପେମେଣ୍ଟ ସ୍ୱୀକାର କରି ନ ଥିଲେ । ସେମାନେ କେବଳ ନଗଦ ଟଙ୍କା ବା କ୍ୟାସ୍ ପେମେଣ୍ଟକୁ ପ୍ରାଥମିକତା ଦେଇଥିଲେ ।

ଏମ୍‌ଡିଆର୍ ଶୁଳ୍କ ପ୍ରତ୍ୟାହାର ଦାବି

ଭାରତୀୟ ଉଦ୍ୟୋଗ ବାଣିଜ୍ୟ ମଣ୍ଡଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ବାବୁଲାଲ ଗୁପ୍ତା କହିଛନ୍ତି ଯେ, ୟୁପିଆଇ ଉପରେ ପ୍ରସ୍ତାବିତ ୦.୪ ପ୍ରତିଶତ ଏମ୍‌ଡିଆର ଶୁଳ୍କକୁ ନେଇ ଦେଶବ୍ୟାପୀ ବ୍ୟବସାୟୀଙ୍କ ମଧ୍ୟରେ ବିରୋଧ ରହିଛି । ବିଭିନ୍ନ ରାଜ୍ୟର ବାଣିଜ୍ୟ ସଂଗଠନଗୁଡ଼ିକ ସହିତ ଆଲୋଚନା ହୋଇଛି ଏବଂ ସମସ୍ତେ ଏହି ଫିʼକୁ ବିରୋଧ କରିଛନ୍ତି । ସେ କହିଛନ୍ତି, ସରକାର ବ୍ୟବସାୟୀମାନଙ୍କ ଉପରେ ଏହି ଶୁଳ୍କ ଲାଗୁ କରିବା ଉଚିତ୍ ନୁହେଁ ଏବଂ ଅକ୍ଟୋବର ୧୫ ତାରିଖରୁ ଲାଗୁ ହେବାକୁ ଥିବା ଏହି ଶୁଳ୍କକୁ ପ୍ରତ୍ୟାହାର କରିବା ଉଚିତ । ବ୍ୟବସାୟୀଙ୍କ ମତରେ ଏହି ନୂଆ ନିୟମ ଯୋଗୁଁ ସେମାନଙ୍କୁ ପ୍ରତି ମାସରେ ୨ ହଜାରରୁ ୧୨ ହଜାର ଟଙ୍କା କ୍ଷତି ସହିବାକୁ ପଡ଼ିବ । ସେହିପରି ବଡ଼ ଟ୍ରାଞ୍ଜାକସନ ଉପରେ ଚାର୍ଜ ଲାଗିଲେ ବ୍ୟବସାୟୀ ଜିନିଷର ଦାମ ବଢ଼ାଇବେ । ଯାହାର ପ୍ରଭାବ ସିଧାସଳଖ ଗ୍ରାହକଙ୍କ ଉପରେ ପଡ଼ିବ । ଅନ୍ୟପଟେ ବ୍ୟବସାୟୀ ସଂଗଠନଗୁଡ଼ିକ ସରକାରଙ୍କୁ ପ୍ରସ୍ତାବିତ ଏମ୍‌ଡିଆର୍‌କୁ ସ୍ଥଗିତ ରଖିବାକୁ ଅନୁରୋଧ କରିଛନ୍ତି । ସେମାନଙ୍କର ଯୁକ୍ତି ହେଉଛି ଯେ ପାର୍ବଣ ଋତୁରେ ବଜାରରେ କିଣାବିକା ଏବଂ ବ୍ୟବସାୟ ବୃଦ୍ଧି ପାଏ । ଏହି ସମୟରେ ନୂତନ ଶୁଳ୍କ ଲାଗୁ କରିବା ଦ୍ୱାରା ବ୍ୟବସାୟ ଉପରେ ଅତିରିକ୍ତ ବୋଝ ପଡ଼ିପାରେ ।

ନଗଦ ଦେୟକୁ ଗୁରୁତ୍ୱ

ଦିଲ୍ଲୀର ଅନେକ ବ୍ୟବସାୟୀ ସଂଗଠନ 'ନୋ ୟୁପିଆଇ ଡେ' ମାଧ୍ୟମରେ ଏମ୍‌ଡିଆର୍‌କୁ ନେଇ ବିରୋଧ କରିଛନ୍ତି । କାଶ୍ମୀର ଗେଟ୍‌ରେ ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (ସିଟିଆଇ) ସହିତ ଜଡ଼ିତ ବ୍ୟବସାୟୀମାନେ ହାତରେ ପୁସ୍ତିକା ଧରି ଶୁଳ୍କକୁ ବିରୋଧ କରିଥିଲେ । ଏହି ସମୟରେ କାରୋଲବାଗ, ଲାଜପତ ନଗର, ଶାହଦରା, ରୋହିଣୀ, ନେତାଜୀ ସୁଭାଷ ପ୍ଲେସ୍, କୃଷ୍ଣ ନଗର ଏବଂ ଗାନ୍ଧୀ ନଗର ସମେତ ଅନେକ ବଜାରରେ ବ୍ୟବସାୟୀମାନେ ବଡ଼ କାରବାର ପାଇଁ ନଗଦ ଦେୟ ଉପରେ ଜୋର ଦେଇଥିଲେ । ସେହିପରି ଦିଲ୍ଲୀର ବିଭିନ୍ନ ବ୍ୟବସାୟିକ ସଂଗଠନ ଏହି ପ୍ରତିବାଦରେ ଅଂଶଗ୍ରହଣ କରିଥିଲେ । ଯେଉଁଥିରେ ସିଟିଆଇ, ଭାରତୀୟ ଉଦ୍ୟୋଗ ବାଣିଜ୍ୟ ମଣ୍ଡଳ, ଦିଲ୍ଲୀ ବାଣିଜ୍ୟ ମହାସଂଘ, ବାଣିଜ୍ୟ ସଂଘ ମହାସଂଘ, ଭାରତୀୟ ବାଣିଜ୍ୟ ଶିଳ୍ପ ମହାସଂଘ, ଅଲ୍ ଇଣ୍ଡିଆ ଜୁଏଲାରୀ ଆସୋସିଏସନ, ଚାନ୍ଦନୀ ଚୌକ ଦାରିବା ଜୁଏଲାରୀ ଆସୋସିଏସନ, ଅଟୋମୋଟିଭ୍ ପାର୍ଟସ୍ ମର୍ଚ୍ଚାଣ୍ଟସ୍ ଆସୋସିଏସନ, ଲାଜପତ ନଗର ବ୍ୟବସାୟୀ ସଂଘ, ସଦର ବଜାର ବ୍ୟବସାୟୀ ସଂଘ ମହାସଂଘ ଏବଂ ନବୀ କରିମ ମାର୍କେଟ୍ ଆସୋସିଏସନ ସାମିଲ ଥିଲା ।

ସୁପ୍ରିମ କୋର୍ଟରେ ମାମଲା

ପ୍ରସ୍ତାବିତ ଏମ୍‌ଡିଆର୍ ବିରୋଧରେ ସୁପ୍ରିମ କୋର୍ଟରେ ଏକ ପିଆଇଏଲ୍ ଦାୟର କରାଯାଇଛି । ତେବେ କୋର୍ଟ ଏହି ନୂଆ ବ୍ୟବସ୍ଥା ଉପରେ କୌଣସି ଅନ୍ତରୀଣ ରହିତାଦେଶ ଦେଇ ନାହାନ୍ତି । ତେଣୁ ଏହି ନୂଆ ନିୟମ ଅକ୍ଟୋବର ୧୫ରୁ ଲାଗୁ ହେବାକୁ ଯାଉଛି । ■

ୟୁପିଆଇ: ଏମ୍‌ଡିଆର୍ ଏକ ପ୍ରୟୋଗ

୧୯୯୯ ମହାବାତ୍ୟାକୁ ଯଦି ଆମ୍ଭେ ମନେ ପକାଇବା ତେବେ ଆମ ଦେଶ ଓ ରାଜ୍ୟର ଅର୍ଥନୀତି କିପରି ଥିଲା ତାହା ସମସ୍ତେ ବେଶ୍ ଭଲ ଭାବରେ ବୁଝି ପାରିବା । ସେ ସମୟରେ ଓଡ଼ିଶାର ଗ୍ରାମାଞ୍ଚଳର ଚିତ୍ର ଆଜିଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ଅନେକ ଗାଁରେ କାଁଭାଁ କୋଠାଘର ଥିଲା । ଗ୍ରାମାଞ୍ଚଳର ରାସ୍ତାଘାଟ ଅତ୍ୟନ୍ତ ଦୟନୀୟ ଥିଲା । ଯୋଗାଯୋଗ ଓ ଗମନାଗମନର ସେତେଟା ସୁବିଧା ନ ଥିଲା । ଅଧିକାଂଶ ଗ୍ରାମରେ ଟେଲିଫୋନ୍‌ଟିଏ ମଧ୍ୟ ନ ଥିଲା । ଯାହା ଯେତିକି ଥିଲା, ମହାବାତ୍ୟା ସବୁ ଛାରଖାର୍ କରିଦେଇଥିଲା । ଆମେରିକାରୁ ରିଲିଫ୍‌ରେ ଆସିଥିବା କ୍ଷୀରଗୁଣ୍ଡ ଓ ବିସ୍କୁଟ କଥା ଅନେକଙ୍କ ମନରୁ ଏବେ ବି ଲିଭି ନ ଥିବ । ଏଇଥିରୁ ଅନୁମାନ କରିହୁଏ ଯେ ଭାରତର ଅର୍ଥନୀତିର ଅବସ୍ଥା କʼଣ ଥିଲା?

ଅଶୋକ ପରିଡ଼ା

ଏହାପରେ ଧୀରେ ଧୀରେ ଦେଶ ଓ ରାଜ୍ୟର ଅର୍ଥନୀତିରେ ପରିବର୍ତ୍ତନ ଆସିଲା । ରାସ୍ତାଘାଟର ଉନ୍ନତି ହେଲା, ଯୋଗାଯୋଗ ବଢ଼ିଲା, ଶିକ୍ଷାର ପ୍ରସାର ହେଲା ଏବଂ ଗମନାଗମନ ସୁବିଧାଜନକ ହେଲା । ଏହାର ପ୍ରଭାବ ଜନଜୀବନ ଓ ଗ୍ରାମୀଣ ଅର୍ଥନୀତି ଉପରେ ମଧ୍ୟ ପଡ଼ିଲା । ସମୟ ବଦଳିବା ସହିତ ଦେଶ ଡିଜିଟାଲ୍ ଯୁଗ ଆଡ଼କୁ ମୁହାଁଇଲା ।

ମନ୍ଥର ଗତିରେ ଚାଲିଥିବା ଅର୍ଥନୀତିକୁ ଏହି ସମୟରେ ଭାରତର ଏକ କ୍ରାନ୍ତିକାରୀ ପଦକ୍ଷେପ ବଳ ଦେବାରେ ଖୁବ୍ ସହାୟକ ହେଲା । ତାହା ହେଉଛି ୟୁପିଆଇ (ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍); ଯାହାକି ଭାରତରେ ତତ୍‌କ୍ଷଣାତ ପ୍ରେରଣ ଓ ପୈଠ ବ୍ୟବସ୍ଥା ଭାବରେ ଖୁବ୍ ପରିଚିତ । ୧୧ ଏପ୍ରିଲ ୨୦୧୬ରେ ତତ୍କାଳୀନ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଗଭର୍ଣ୍ଣର ରଘୁରାମ ଜି. ରାଜନଙ୍କ ଦ୍ୱାରା ୨୧ଟି ସଦସ୍ୟ ବ୍ୟାଙ୍କକୁ ନେଇ ୟୁପିଆଇର ପରୀକ୍ଷାମୂଳକ ଶୁଭାରମ୍ଭ କରାଯାଇଥିଲା । ପରେ ୨୫ ଅଗଷ୍ଟ ୨୦୧୬ରୁ ବିଭିନ୍ନ ବ୍ୟାଙ୍କ ୟୁପିଆଇ ସୁବିଧା ଗ୍ରାହକଙ୍କ ପାଇଁ ଉପଲବ୍ଧ କରାଇବା ଆରମ୍ଭ କଲେ । ଭାରତରେ ବିଭିନ୍ନ ଡିଜିଟାଲ୍ ଓ ଇଲେକ୍‌ଟ୍ରୋନିକ୍ସ ପେମେଣ୍ଟ ବ୍ୟବସ୍ଥାକୁ ସୁପରିଚାଳନା କରିବା ପାଇଁ ୨୦୦୯ ମସିହାରେ ଗଠିତ ହୋଇଥିବା ଏନ୍.ପି.ସି. ଆଇ. (ନ୍ୟାସନାଲ ପେମେଣ୍ଟସ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ) ଆର୍.ବି.ଆଇ. ଅଧୀନରେ ରହି କାର୍ଯ୍ୟ କଲା । ଏହା ପରଠାରୁ ୟୁପିଆଇରେ ବିଭିନ୍ନ ସମୟରେ ନୂଆ ନୂଆ ସୁବିଧା ଯୋଡ଼ାଯାଇଛି । ମୋବାଇଲ୍ ଫୋନ୍ ମାଧ୍ୟମରେ ଟଙ୍କା ନେଣଦେଣ ଅତ୍ୟନ୍ତ ସହଜ ହୋଇଛି । ଛୋଟ ଦୋକାନୀଠାରୁ ବଡ଼ ବ୍ୟବସାୟୀ ପର୍ଯ୍ୟନ୍ତ ଏହାର ବ୍ୟବହାର ବଢ଼ିଛି । ସରକାରଙ୍କ ପ୍ରୋତ୍ସାହନ ପାଇଁ ୟୁପିଆଇ ଭାରତରେ ବହୁତ ଶୀଘ୍ର ବ୍ୟାପିବାକୁ ଲାଗିଲା ।

ୟୁପିଆଇର ସବୁଠାରୁ ବଡ଼ ପ୍ରଭାବ ପଡ଼ିଛି ଛୋଟ ବ୍ୟବସାୟୀ ଓ ଗ୍ରାମାଞ୍ଚଳର ଅର୍ଥନୀତି ଉପରେ । ଆଜି ଜଣେ ଛୋଟ ଦୋକାନୀଙ୍କ ପାଖରେ ନଗଦ ଟଙ୍କା ନଥିଲେ ମଧ୍ୟ ୟୁପିଆଇ ମାଧ୍ୟମରେ ଟଙ୍କା ଗ୍ରହଣ କରିପାରୁଛନ୍ତି । ୟୁପିଆଇ ମାଧ୍ୟମରେ ଗ୍ରାମାଞ୍ଚଳ ଲୋକଟିଏ ମଧ୍ୟ ଅନ୍ୟ ରାଜ୍ୟର ନିଜ ଚାହିଦା ମୁତାବକ ଶସ୍ତାରେ ଜିନିଷ ମଗାଇ ପାରୁଛି । ଏପରିକି ଅଳ୍ପ ଶିକ୍ଷା ଥିବା ବୟସ୍କ ବୃଦ୍ଧବୃଦ୍ଧାମାନେ ନିଜ ପିଲାଙ୍କ ବ୍ୟବସାୟରେ ସହଯୋଗର ହାତ ବଢ଼ାଇ ପାରୁଛନ୍ତି । ଏଠାରେ ଏକ ଛୋଟ ଘଟଣା ଉଲ୍ଲେଖ କରିବାକୁ ଚାହୁଁଛି ।

ସରକାର ଅକ୍ଟୋବର ୧୫ରୁ ୟୁପିଆଇ ଉପରେ ଏମ୍‌ଡିଆର୍ (ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍) ଲାଗୁ କରିବେ । ଏହି ଏମ୍‌ଡିଆର୍ କʼଣ ପ୍ରଥମେ ତାହା ବୁଝିବାକୁ ପଡ଼ିବ । ଏମ୍‌ଡିଆର୍ ହେଉଛି ଡିଜିଟାଲ୍ ନେଣଦେଣ ପାଇଁ ବ୍ୟବସାୟୀଙ୍କଠାରୁ ନିଆଯାଉଥିବା ଏକ ଛୋଟିଆ ଶୁଳ୍କ । ଏମ୍‌ଡିଆର୍ ସରକାରଙ୍କ କୌଣସି ଟ୍ୟାକ୍ସ ନୁହେଁ । ଏହା ମଧ୍ୟ କୌଣସି ଜିଏସ୍‌ଟି ନୁହେଁ । ଫିନ୍‌ଟେକ୍ (ଫାଇନାନ୍‌ସିଆଲ୍ ଟେକ୍ନୋଲୋଜି) ଯଥା - ବ୍ୟାଙ୍କ, ପେମେଣ୍ଟ ସେବା ପ୍ରଦାନକାରୀ, ୟୁପିଆଇ ଆପ୍ ପ୍ରଦାନକାରୀ, ସାଇବର୍ ସୁରକ୍ଷା, ସର୍ଭର ଆଦି ପାଇଁ ଅନେକ ଅର୍ଥ ଖର୍ଚ୍ଚ ହେଉଛି ବୋଲି ସରକାର କହୁଛନ୍ତି । ଏହିସବୁ ବ୍ୟବସ୍ଥାର ଉନ୍ନତୀକରଣ କରିବା, ଗ୍ରାହକଙ୍କୁ ସୁବିଧା ଯୋଗାଇଦେବା ପାଇଁ ଯେଉଁ ଅର୍ଥ ଆବଶ୍ୟକ ଏପର୍ଯ୍ୟନ୍ତ ତାହା ସରକାର ପ୍ରୋତ୍ସାହନ ଆକାରରେ ବହନ କରୁଥିଲେ । ଆଗକୁ ସରକାର ଏହି ଖର୍ଚ୍ଚ ବହନ ନକରି, ୟୁପିଆଇ କାରବାର ଉପରେ ଏମ୍‌ଡିଆର୍ ଆକାରରେ ଏହା ଆଦାୟ କରିବେ ।

ଏମ୍‌ଡିଆର୍ କିପରି ଲାଗୁ ହେବ, ତାହାର ଏକ ସୂଚନା ସରକାର ପ୍ରଦାନ କରିଛନ୍ତି । ବ୍ୟକ୍ତିଙ୍କଠାରୁ ବ୍ୟକ୍ତିଙ୍କୁ ଯେତେ ଟଙ୍କା ପଠାଇଲେ କୌଣସି ଶୁଳ୍କ ଲାଗିବ ନାହିଁ । ସେହିପରି ଗ୍ରାହକଙ୍କଠାରୁ ଦୋକାନୀଙ୍କୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ପଠାଇଲେ କୌଣସି ଶୁଳ୍କ ଲାଗିବ ନାହିଁ । କିନ୍ତୁ ଦୁଇ ହଜାର ଟଙ୍କା ଉପରକୁ କାରବାର ହେଲେ ୦.୪ ପ୍ରତିଶତ ଶୁଳ୍କ ବ୍ୟବସାୟୀଙ୍କୁ ଦେବାକୁ ପଡ଼ିବ । ଯାହାକି ୧୦ ହଜାର ଟଙ୍କାରେ ୪୦ ଟଙ୍କା, ୨୫ ହଜାର ଟଙ୍କାରେ ୧୦୦ ଟଙ୍କା, ୭୫ ହଜାର ଟଙ୍କାରେ ୩ ଶହ ଟଙ୍କା ଲାଗିବ । ଏପରିକି ଅତ୍ୟାବଶ୍ୟକ ସେବା- ଯଥା ରେଲୱେ ଟିକେଟ, ଇନ୍‌ସୁରାନ୍ସ, ଟେଲିକମ୍ୟୁନିକେସନ, ଶିକ୍ଷା ଆଦି କ୍ଷେତ୍ର ପାଇଁ ଶୁଳ୍କ ପ୍ରାୟତଃ ୫ ଟଙ୍କା ରଖାଯାଇଛି । ସରକାରଙ୍କ କହିବା କଥା ହେଉଛି - ୯୬% କାରବାର ପ୍ରାୟତଃ ପ୍ରଭାବିତ ହେବେ ନାହିଁ, କିନ୍ତୁ ୪% କାରବାର ଉପରେ ଏହା ଲାଗିବ ।

ଏଠାରେ ଅନେକ ପ୍ରଶ୍ନ ଲୋକଙ୍କ ମନରେ ଉଙ୍କି ମାରୁଛି । ଏହା ସରକାରଙ୍କର ଏକ ଛୋଟିଆ ପ୍ରୟୋଗ ନୁହେଁ ତ! ଏହାକୁ ଲୋକେ କିପରି ଗ୍ରହଣ କରୁଛନ୍ତି ? ଏହାର କିଭଳି ପ୍ରଭାବ ପଡୁଛି ତାହା ସରକାର ପରୀକ୍ଷା ନିରୀକ୍ଷା କରି ଦେଖିବେ । ଆଜି ପର୍ଯ୍ୟନ୍ତ ଦେଖାଯାଇଛି ଭାରତୀୟ ବ୍ୟବସ୍ଥା ଯାହାବି କଲେ ଶେଷରେ ସବୁ ବୋଝ ସାଧାରଣ ନାଗରିକଙ୍କ ଉପରେ ପଡ଼େ । ଏହା କହିବା ବାହୁଲ୍ୟ ଯେ, କେବେ ବି କୌଣସି ବ୍ୟବସାୟୀ ନିଜ ଆୟର ଲାଭାଂଶ କମାଇ ବ୍ୟବସାୟ କରିବ ନାହିଁ । ସେ କୌଣସି ନା କୌଣସି ଉପାୟରେ ଲୋକଙ୍କଠାରୁ ଏହାକୁ ନେବ । ସାଧାରଣ ଜନତାଟିଏ ବାଧ୍ୟ ହୋଇ ଅତ୍ୟଧିକ ବ୍ୟୟର ଶିକାର ହେବ ।

ଏଠାରେ ଛୋଟିଆ ପ୍ରଶ୍ନଟିଏ ମନରେ ଉଙ୍କି ମାରୁଛି, ଆମେ ଯେତେବେଳେ ଟଙ୍କା ବ୍ୟବହାର କରୁଥିଲୁ ସେତେବେଳେ ଆର୍‌ବିଆଇ କାର୍ଯ୍ୟ ହେଲା- କେଉଁଠୁ କାଳି, କେଉଁଠୁ କାଗଜ ଆସିବ, କେଉଁ ମେସିନ୍‌ରେ ଟଙ୍କା ଛପାଯିବ, କିପରି ବ୍ୟାଙ୍କରେ ଟଙ୍କା ପହଞ୍ଚାଯାଇ ପାରିବ । ସରକାର ବା ବ୍ୟବସ୍ଥାର ପ୍ରମୁଖ କାର୍ଯ୍ୟ ହେଲା ଲୋକଙ୍କୁ ଏହିସବୁ ସୁବିଧା ପ୍ରଦାନ କରିବା । କିନ୍ତୁ କେବେ ବି ଏହା ବାବଦରେ ଲୋକଙ୍କଠାରୁ ପଇସା ଆଦାୟ କରାଯାଉ ନ ଥିଲା- ସେ ଗ୍ରାହକ ହେଉ କି ବ୍ୟବସାୟୀ । ଯଦି ଏଥିପାଇଁ କରାଯାଉ ନ ଥିଲା, ତେବେ ସେହି ଟଙ୍କା କାରବାରର ଅନ୍ୟ ଏକ ମାଧ୍ୟମ ପାଇଁ ଶୁଳ୍କ କାହିଁକି ଅସୁଲ କରାଯିବ?

ଯଦି ଦୁଇ ହଜାର ଟଙ୍କା ଉପରେ ଏମ୍‌ଡିଆର୍ ଲାଗୁ ହୋଇପାରିଲା, ତେବେ କିଛି ଦିନ ପରେ ଦୁଇହଜାର ଟଙ୍କା ତଳକୁ ଯେ ଏମ୍‌ଡିଆର୍ ନ ଲାଗିବ ତାହାର କୌଣସି ଗ୍ୟାରେଣ୍ଟି ନାହିଁ ଏବଂ ୦.୪% ଯେ ସ୍ଥିର ହୋଇ ରହିବ ତାହାର ମଧ୍ୟ କୌଣସି ଗ୍ୟାରେଣ୍ଟି ନାହିଁ, ତାହା ମଧ୍ୟ ଭବିଷ୍ୟତରେ ବଢ଼ିପାରେ ବୋଲି ଅର୍ଥନୀତି ବିଶେଷଜ୍ଞମାନେ କହୁଛନ୍ତି ।

ଯଦି ଆମେ ୮୦ କୋଟି ଲୋକଙ୍କୁ ମାଗଣା ରାସନ ଦେଇପାରୁଛୁ, ଅନେକ ଫ୍ରିବିଜ୍ ଦେଇପାରୁଛୁ, ତେବେ ଯେଉଁ ବ୍ୟବସ୍ଥା ଅର୍ଥନୀତିକୁ ବଳ ଦେଉଛି ତାହା ଉପରେ ନଜର ପକାଇବା କʼଣ ନିହାତି ଆବଶ୍ୟକ! ୟୁପିଆଇକୁ ଏକ ନ୍ୟାସନାଲ୍ ଇନ୍‌ଫ୍ରାଷ୍ଟ୍ରକଚର ଭାବେ ଗ୍ରହଣ କରିବା ଉଚିତ । ୫୦ ଲକ୍ଷ କୋଟି ଟଙ୍କା ବଜେଟ୍‌ରୁ କʼଣ ଆମେ କାଣିଚାଏ ଏହାପାଇଁ ଖର୍ଚ୍ଚ କରିପାରିବୁ ନାହୁଁ!

ଡିଜିଟାଲ୍ ନେଣଦେଣ ଅର୍ଥନୈତିକ କାରବାରକୁ ଅଧିକ ସ୍ୱଚ୍ଛ କରିବାରେ ସହାୟକ ହୁଏ । ଅର୍ଥନୀତିରେ ନଗଦ ଟଙ୍କାର ବ୍ୟବହାର କମିଲେ ନୋଟ୍ ଛାପା ବାବଦ ଖର୍ଚ୍ଚ, ବଣ୍ଟନ ଖର୍ଚ୍ଚ, ଏଟିମ୍ କାରବାର କମ୍ ହେବା, ବ୍ୟାଙ୍କର ଅର୍ଥ ନେଣଦେଣ କମ୍ ହେଉଥିବାରୁ କର୍ମଚାରୀଙ୍କ ଉପରେ କମ୍ ଚାପ ପଡ଼ିବା, ଚୋରି ଆଦି ଘଟଣା କମ୍ ହେବା ଏହିପରି ଅନେକ କ୍ଷେତ୍ରରେ ସରକାରଙ୍କ ଖର୍ଚ୍ଚ କମୁଛି, ଲାଭ ବଢ଼ିଛି ।

ବିଭିନ୍ନ ଆଳ ଦେଖାଇ ଲୋକଙ୍କୁ ଛୋଟ ଛୋଟ ଆଘାତ ହିଁ ଗୋଟିଏ ଦିନ ବଡ଼ ଆଘାତରେ ପରିଣତ ହେବ ଏବଂ ସରକାରଙ୍କୁ ସେଥିପାଇଁ ବଡ଼ ମୂଲ୍ୟ ଦେବାକୁ ପଡ଼ିବ ତାହା ସେ ବୁଝିବା ଦରକାର । ଯେଉଁ ବ୍ୟବସ୍ଥା ଲୋକଙ୍କ ଜୀବନକୁ ସରଳ କରିଛି, ଛୋଟ ବ୍ୟବସାୟୀଙ୍କୁ ଅର୍ଥନୈତିକ ବ୍ୟବସ୍ଥା ସହିତ ଯୋଡ଼ିଛି ଏବଂ ଦେଶର ଅର୍ଥନୀତିକୁ ଗତି ଦେଇଛି, ସେହି ବ୍ୟବସ୍ଥାକୁ ଆହୁରି ଶକ୍ତିଶାଳୀ କରିବା ହିଁ ଆମର ଲକ୍ଷ୍ୟ ହେବା ଉଚିତ । ■

ନିଗମାନନ୍ଦ ନଗର, ଲେନ୍-୨,
ବମିଖାଲ, କେନାଲରୋଡ,
ଭୁବନେଶ୍ୱର-୭୫୧୦୧୦
ମୋ: ୯୪୩୮୫୦୪୧୦୩



ବଦଳୁଛି ୟୁପିଆଇ ନିୟମ

ଡକ୍ଟର ଦିନେଶ କୁମାର ନାୟକ

ଚଳିତ ଅକ୍ଟୋବର ୧୫ ତାରିଖରୁ ଦୋକାନୀଙ୍କୁ କିଛି ଡିଜିଟାଲ ପେମେଣ୍ଟ ପାଇଁ ଛୋଟ ଶୁଳ୍କ ଦେବାକୁ ପଡ଼ିପାରେ। ଅଧିକାଂଶ ଲୋକଙ୍କ ପାଇଁ ଫୋନରେ ସ୍କାନ୍ କରିବା ଅଭ୍ୟାସ ବଦଳିବ ନାହିଁ। ତେବେ ଏହା ବାସ୍ତବରେ ମାଗଣା ରହିବ କି ନାହିଁ, ସେ ନେଇ ଦେଶର ବିଦ୍ୱାନମାନେ ବିତର୍କ କରୁଛନ୍ତି । ପନିପରିବା ବିକାଳି, କିରାନା ଦୋକାନୀ, ଅଟୋ ଚାଳକ ସମସ୍ତଙ୍କ ପାଖରେ ଏବେ ୟୁପିଆଇ ପେମେଣ୍ଟ ପାଇଁ କ୍ୟୁଆର୍ କୋଡ୍ ରହିଛି। ବିଗତ ଦଶ ବର୍ଷ ହେଲା ୟୁପିଆଇ ଏମାନଙ୍କ ଆର୍ଥିକ ବ୍ୟବସ୍ଥା ସହ ଯୋଡ଼ି ହୋଇରହିଛି। ଏବେ ମାସକୁ ୨,୪୦୦ କୋଟି ଟଙ୍କାରୁ ଅଧିକ ନେଣଦେଣ ୟୁପିଆଇ ମାଧ୍ୟମରେ ହେଉଛି । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସେବା ଗ୍ରାହକ ଓ ଦୋକାନୀ, ଉଭୟଙ୍କ ପାଇଁ ମାଗଣା ଥିଲା। ତେବେ ୟୁପିଆଇ ପେମେଣ୍ଟକୁ ନେଇ ଅକ୍ଟୋବର ୧୫ ତାରିଖରୁ ନୂଆ ନିୟମ ଲାଗୁ ହେବ।

ନୂଆ ବ୍ୟବସ୍ଥା

ଅକ୍ଟୋବର ୧୫ ତାରିଖରୁ କୌଣସି ଜିନିଷ କିଣିଲେ ଦୋକାନୀକୁ ୨,୦୦୦ ଟଙ୍କା ଉପରକୁ ୟୁପିଆଇରେ ପେମେଣ୍ଟ କଲେ 'ମର୍ଚ୍ଚାଣ୍ଟ ଡିସ୍କାଉଣ୍ଟ ରେଟ୍' (ଏମ୍‌ଡିଆର୍) ଲାଗିବ। ଏଥିପାଇଁ ୦.୪ ପ୍ରତିଶତ ଶୁଳ୍କ ଲାଗିବ। ଏହା ସର୍ବାଧିକ ୩୦୦ ଟଙ୍କାରେ ସୀମିତ ରହିବ। ତେବେ ଏହି ଶୁଳ୍କ ଦୋକାନୀ ଦେବେ, ଗ୍ରାହକ ନୁହଁନ୍ତି।

ଉଦାହରଣ ସ୍ୱରୂପ, ୩,୦୦୦ ଟଙ୍କା କିଣାକିଣିରେ ଦୋକାନୀଙ୍କୁ ୧୨ ଟଙ୍କା ଲାଗିବ । ୫୦,୦୦୦ ଟଙ୍କାର କ୍ରୟ ଉପରେ ୨୦୦ ଟଙ୍କା ଶୁଳ୍କ ଲାଗିବ । ତେବେ ୨,୦୦୦ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ ଉପରେ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ। ସେହିପରି ଜଣକଠାରୁ ଅନ୍ୟ ଜଣକୁ ପଠାଯାଉଥିବା ଟଙ୍କାରେ କୌଣସି ଶୁଳ୍କ ଲାଗିବ ନାହିଁ। ଏପରିକି ମାସକୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର ଉପରେ ଛୋଟ ଦୋକାନୀଙ୍କୁ କୌଣସି ଶୁଳ୍କ ଲାଗିବ ନାହିଁ।

ଶୁଳ୍କ ସପକ୍ଷରେ

ପୂର୍ବତନ ଆର୍‌ବିଆଇ ଗଭର୍ଣ୍ଣର ଡି. ସୁବାରାଓ କହନ୍ତି, ମାଗଣା ମାନେ ଖର୍ଚ୍ଚହୀନ ନୁହେଁ। ବ୍ୟାଙ୍କ ଓ କମ୍ପାନୀ ସର୍ଭର, ସାଇବର ସୁରକ୍ଷା ଓ ଠକେଇ ରୋକିବା ପାଇଁ ଖର୍ଚ୍ଚ କରନ୍ତି। ସେହି ଖର୍ଚ୍ଚ ୟୁପିଆଇ ନ ବ୍ୟବହାର କରୁଥିବା ଲୋକଙ୍କ ଉପରେ ମଧ୍ୟ ପଡ଼େ। ନଗଦ ଟଙ୍କା ମଧ୍ୟ ମାଗଣା ନୁହେଁ। ନୋଟ୍ ଛାପିବାକୁ ଓ ନେବା ଆଣିବାକୁ ଖର୍ଚ୍ଚ ହୁଏ । ସେହିପରି ପୂର୍ବତନ ଆର୍‌ବିଆଇ ନିର୍ଦ୍ଦେଶକ ଜି. ପଦ୍ମନାଭନ କହନ୍ତି, ବଡ଼ ନେଣଦେଣ ଉପରେ ଶୁଳ୍କ ଭବିଷ୍ୟତ ବିକାଶ ପାଇଁ ଟଙ୍କା ଯୋଗାଇବ। ପୂର୍ବତନ ଆର୍‌ବିଆଇ ମୁଖ୍ୟ ଜେନେରାଲ ମ୍ୟାନେଜର ଗଙ୍ଗା ନାରାୟଣ ରଥ ମଧ୍ୟ ସେହି ମତ ଦିଅନ୍ତି। ସେ କହନ୍ତି, ସଡ଼କ ପାଇଁ ଟୋଲ୍ ଥାଏ, ତେବେ ପେମେଣ୍ଟ ବ୍ୟବସ୍ଥା ପାଇଁ କାହିଁକି ନୁହେଁ? ସେହିପରି ଏନ୍‌ଆଇପିଏଫ୍‌ପି ନିର୍ଦ୍ଦେଶକ ଏବଂ ପ୍ରଫେସର କବିତା ରାଓ ଅନ୍ୟ ପ୍ରଶ୍ନ ପଚାରନ୍ତି। କେବଳ ଦୋକାନୀ କାହିଁକି ଦେବେ? ବ୍ୟାଙ୍କ, ଋଣଦାତା ଓ ଆପ୍ ମଧ୍ୟ ଲାଭ ପାଆନ୍ତି। ସେ ପ୍ରତି ନେଣଦେଣରେ ୨୦ ପଇସାର ସମାନ ଶୁଳ୍କ ଦେବାକୁ ପ୍ରସ୍ତାବ ଦିଅନ୍ତି ।

ଶୁଳ୍କ ବିପକ୍ଷରେ

ନୂଆଦିଲ୍ଲୀର ସାମାଜିକ ଏବଂ ଅର୍ଥନୈତିକ ପ୍ରଗତି କେନ୍ଦ୍ରର ବରିଷ୍ଠ ଫେଲୋ ଜନକ ରାଜ ଚେତାବନୀ ଦେଇ କହିଛନ୍ତି, ଶୁଳ୍କ ଯୋଗୁଁ ଦୋକାନୀମାନେ ନଗଦ କାରବାର ପାଇଁ ଗ୍ରାହକମାନଙ୍କୁ ବାଧ୍ୟ କରିପାରନ୍ତି। ଦିନକୁ ୫୦ଟି ୧୦, ୦୦୦ ଟଙ୍କା ପେମେଣ୍ଟ କରୁଥିବା ଦୋକାନ ମାସକୁ ପ୍ରାୟ ୬୦,୦୦୦ ଟଙ୍କା ଦେବ। ପେଟ୍ରୋଲ ପମ୍ପ, ଖୁଚୁରା ବ୍ୟବସାୟୀ ଓ ପୋଷାକ ବ୍ୟବସାୟୀ ସଂଘ କହିଛନ୍ତି, କମ୍ ଲାଭ ପାଉଥିବା ଦୋକାନୀମାନେ ୨,୦୦୦ ଟଙ୍କା ଉପରକୁ 'କେବଳ ନଗଦ' କାରବାର କରିପାରନ୍ତି ।

ଆନ୍ଧ୍ରପ୍ରଦେଶ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ପରାଗ୍ ଜୟନ୍ତ ୱାକ୍ନିସ୍ କହନ୍ତି, ୟୁପିଆଇର ନୂଆ ଆଇନ ଭବିଷ୍ୟତରେ ଶୁଳ୍କ ବଢ଼ାଇବାର ରାସ୍ତା ଖୋଲିଦେବ। ଦୋକାନୀମାନେ ଶୁଳ୍କ ଦେଲେ ଦାମ୍ ବଢ଼ାଇ ପାରନ୍ତି। ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍‌ର ପ୍ରତିଷ୍ଠାତା ଅଜୟ ଶ୍ରୀବାସ୍ତବ କହନ୍ତି, ୟୁପିଆଇ ଏକ ଜାତୀୟ ଭିତ୍ତିଭୂମି, ସଡ଼କ ପରି। ଗୁଗଲ୍ ପେ ଓ ଫୋନ୍‌ପେ ପରି ବଡ଼ କମ୍ପାନୀ ପ୍ରାୟ ୮୦ ପ୍ରତିଶତ ନେଣଦେଣ ସମ୍ଭାଳନ୍ତି । ସେମାନେ ଖର୍ଚ୍ଚ ବହନ କରନ୍ତୁ ।

ଭାରତୀୟ ସଫ୍ଟୱେର୍ ଉତ୍ପାଦ ଶିଳ୍ପ ରାଉଣ୍ଡଟେବୁଲର ସହ-ପ୍ରତିଷ୍ଠାତା ଶରଦ ଶର୍ମା କହନ୍ତି, ୟୁପିଆଇ ଏକ ଖୋଲା ସାର୍ବଜନୀନ ବ୍ୟବସ୍ଥା ଭାବେ ତିଆରି ହୋଇଥିଲା, ଲାଭ ପାଇଁ ଉତ୍ପାଦ ଭାବେ ନୁହେଁ। ପ୍ରଶ୍ନ ହେଉଛି, ଏହି ଶୁଳ୍କ କାହା ପାଇଁ?

ବିଜିନେସ୍ ଷ୍ଟାଣ୍ଡାର୍ଡର ପରାମର୍ଶଦାତା ସମ୍ପାଦକ ନିବେଦିତା ମୁଖାର୍ଜୀ ଅନଲାଇନ୍ ଡେଲିଭରି ବିଷୟରେ ପଚାରନ୍ତି। ବ୍ୟବସାୟୀ ପ୍ରାୟତଃ ଖର୍ଚ୍ଚ ଗ୍ରାହକଙ୍କ ଉପରେ ପକାନ୍ତି । ପାର୍ଟନର ଏବଂ ପେମେଣ୍ଟ ସେକ୍ଟର ଲିଡର, ଅର୍ଣ୍ଣଷ୍ଟ ଆଣ୍ଡ ୟଙ୍ଗ (ଇୱାଇ) ଇଣ୍ଡିଆର ରଣଦୁର୍ଜୟ ତାଲୁକଦାର ନୀତିକୁ ମୋଟାମୋଟି ସମର୍ଥନ କରନ୍ତି। ମାତ୍ର ସେ କହନ୍ତି, ଲୁଚାଇ-ଅତିରିକ୍ତ ଶୁଳ୍କ ନିଆଯିବା ରୋକିବାକୁ ହେବ । ଆର୍ଥିକ ସେବା ବିଭାଗର ସଚିବ ସଞ୍ଜୟ ଲୋହିୟା ଦଶ ବର୍ଷର ସଫଳତା ମନେ ପକାନ୍ତି କହନ୍ତି, ପରବର୍ତ୍ତୀ ପର୍ଯ୍ୟାୟରେ ଭରସା ବଢ଼ାଇବାକୁ ହେବ ଓ ଅଭିଯୋଗର ସମାଧାନ ଦ୍ରୁତ କରିବାକୁ ହେବ ।

କାରବାର ଉପରେ ପ୍ରଭାବ

ସାଧାରଣ କିଣାକିଣି

ଦୁଧ, ପନିପରିବା, ଅଟୋ ଭଡ଼ା, ଚାହା ଆଦି ପେମେଣ୍ଟ ପାଇଁ କିଛି ବଦଳିବ ନାହିଁ। ୫ ପ୍ରତିଶତରୁ କମ୍ ପେମେଣ୍ଟ ୨,୦୦୦ ଟଙ୍କା ଉପରେ ଯାଏ। ମାତ୍ର ସେଗୁଡ଼ିକ ମୋଟ ଟଙ୍କାର ପ୍ରାୟ ଦୁଇ ତୃତୀୟାଂଶ । ତେଣୁ ବଡ଼ କିଣାକିଣି ଉପରେ ଶୁଳ୍କ ପଡ଼ିବ।

ବଡ଼ କିଣାକିଣି

ମୋବାଇଲ୍, ଫ୍ରିଜ୍ କିମ୍ବା ବିବାହ ଅର୍ଡର ଟିକିଏ ମହଙ୍ଗା ହୋଇପାରେ। କେତେକ ଦୋକାନୀ ନଗଦରେ ଛାଡ଼ ଦେଇପାରନ୍ତି। କାଉଣ୍ଟରରେ 'ୟୁପିଆଇ ପାଇଁ ଅତିରିକ୍ତ ଚାର୍ଜ' ମାଗିଲେ ସତର୍କ ହୁଅନ୍ତୁ । ଗ୍ରାହକଙ୍କଠୁ ସିଧାସଳଖ ଶୁଳ୍କ ନେବାର କଥା ନୁହେଁ ।

ଛୋଟ ଦୋକାନୀ

ଦୋକାନୀମାନେ ଏହା ଦ୍ୱାରା ସୁରକ୍ଷିତ ରହିବେ। ମାତ୍ର କମ୍ ଲାଭର ମଧ୍ୟମ ବ୍ୟବସାୟୀ ଚାପରେ ପଡ଼ିବେ । ଯେପରି ଇଲେକ୍ଟ୍ରୋନିକ୍ସ, ପେଟ୍ରୋଲ, ସୁନା ଦୋକାନ ଆଦିଙ୍କ ଉପରେ ଚାପ ପଡ଼ିବ। ସେମାନେ କ୍ଷତି ସହବେ ବା ଦାମ୍ ବଢ଼ାଇବେ କିମ୍ବା ନଗଦ କାରବାର କରିବାକୁ ଚାହିଁବେ ।

ବ୍ୟାଙ୍କ ଓ ପେମେଣ୍ଟ ଆପ୍

ବ୍ୟାଙ୍କ ଓ ପେମେଣ୍ଟ ଆପ୍‌ଗୁଡ଼ିକ ସେବା ଚଳାଇବା ପାଇଁ ନୂଆ ଆୟ ପାଇବେ । ସମାଲୋଚକମାନଙ୍କ ଆଶଙ୍କା, ବଡ଼ କମ୍ପାନୀ ସବୁଠାରୁ ଅଧିକ ଲାଭ ପାଇବେ।

ଅନଲାଇନ୍ କ୍ରେତା

ଡେଲିଭରି ପ୍ଲାଟଫର୍ମ ଚାର୍ଜ ବଦଳାଇ ପାରନ୍ତି । କ୍ରେତା ଅଧିକ ଦେବେ କି ନାହିଁ, ଏବେ ସ୍ପଷ୍ଟ ନୁହେଁ ।

ଗରିବ ଓ ବ୍ୟାଙ୍କହୀନ

ନଗଦକୁ ଫେରିଗଲେ ଚୋରି, ହିସାବ ନ ରହିବା ଓ ଋଣ ନ ମିଳିବାର ଭୟ ଫେରିଆସିପାରେ। ଡିଜିଟାଲ୍ ରେକର୍ଡ ଥିଲେ ରାସ୍ତାକଡ଼ ବ୍ୟବସାୟୀ ଋଣ ପାଇପାରନ୍ତି। ତେଣୁ ଏହା ଗରିବଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ।

ୟୁପିଆଇ ବିଫଳ ହେଉ ବୋଲି କେହି କହୁନାହାଁନ୍ତି। ବିତର୍କ ହେଉଛି, ବର୍ଷକୁ ୩୧୪ ଲକ୍ଷ କୋଟି ଟଙ୍କା ବହନ କରୁଥିବା ଏହି ବ୍ୟବସ୍ଥାର ଖର୍ଚ୍ଚ କିଏ ଉଠାଇବ । ଆଉ ଛୋଟ ଶୁଳ୍କ ଏହାକୁ ସୁରକ୍ଷିତ ରଖିବ ନା ଦୁର୍ବଳ କରିବ। ଯଦି ଲୋକମାନେ କ୍ୟୁଆର୍ କୋଡ୍ ସ୍କାନିଂ ଜାରି ରଖନ୍ତି, ତେବେ ବ୍ୟବସ୍ଥା ତାର ସନ୍ତୁଳନ ପାଇଯାଇଛି, ମନେ ହେବ। ନଗଦ ଫେରିଲେ ଏହି ପରୀକ୍ଷା ଯେତିକି ଆୟ କଲା, ତାଠାରୁ ଅଧିକ ଖର୍ଚ୍ଚ କରିଥିବ । ଏବେ ପାଇଁ ସ୍କାନ୍ କରନ୍ତୁ, ରସିଦ ରଖନ୍ତୁ । କାଉଣ୍ଟରରେ ଦାମ୍ ବଦଳିଲେ ପଚାରନ୍ତୁ । ■

ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଫାଇନାସ୍ ଆଣ୍ଡ ପଲିସୀ
୧୮/୨ – ସତସଙ୍ଗ ବିହାର ମାର୍ଗେ, ଜଏନ୍‌ୟୁ ପୂର୍ବ ଗେଟ୍ ନିକଟ, ନୂଆଦିଲ୍ଲୀ
ମୋ: ୯୬୫୦୮୬୯୨୧୪

ଡିଜିଟାଲ୍ ପେମେଣ୍ଟ ପଛର ସତ୍ୟ

ଅନନ୍ତ ଚରଣ ସ୍ୱାଇଁ

ଗତ ଦଶ ବର୍ଷରେ ଭାରତର ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ଆଶାତୀତ ଭାବେ ବୃଦ୍ଧି ପାଇଛି। ଏହା କେବଳ ଏକ ପ୍ରଯୁକ୍ତିଗତ ପରିବର୍ତ୍ତନ ନୁହେଁ; ଏହା ଦେଶର ଦୈନନ୍ଦିନ ଆର୍ଥିକ ଜୀବନରେ ଏକ ବଡ଼ ପରିବର୍ତ୍ତନ। ଧନୀଠାରୁ ଗରିବ, ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ଏବେ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାରେ ଅଭ୍ୟସ୍ତ। ଏହି ପରିବର୍ତ୍ତନର ମୁଖ୍ୟ ଶକ୍ତି ହେଉଛି ୟୁପିଆଇ ବା ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍। ଭାରତୀୟ ଜାତୀୟ ପେମେଣ୍ଟ ନିଗମ (NPCI) ଦ୍ୱାରା ପରିଚାଳିତ ୟୁପିଆଇ ମାଧ୍ୟମରେ ମୋବାଇଲ୍ ନମ୍ବର କିମ୍ବା କ୍ୟୁଆର୍ କୋଡ୍ ସ୍କାନ୍ କରି ଯେ କୌଣସି ସମୟରେ ଓ ପ୍ରାୟ ଯେ କୌଣସି ସ୍ଥାନରୁ ସହଜ ସୁବିଧାରେ ଟଙ୍କା ପଠାଇବା କିମ୍ବା ପେମେଣ୍ଟ କରିବା ସମ୍ଭବ ହେଉଛି।

୧୧ ଏପ୍ରିଲ ୨୦୧୬ରେ ଆରମ୍ଭ ହୋଇଥିବା ୟୁପିଆଇ, ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି ଆରମ୍ଭରେ ଏହାର ବ୍ୟବହାର ସୀମିତ ଥିଲେ ମଧ୍ୟ ପରେ ସ୍ମାର୍ଟଫୋନ୍, ଶସ୍ତା ଇଣ୍ଟରନେଟ୍, ବ୍ୟାଙ୍କ ଖାତାର ବ୍ୟାପକତା ଓ କ୍ୟୁଆର୍ କୋଡ୍‌ର ବିଶ୍ୱସନୀୟତା ଏହାକୁ ଗାଁଠାରୁ ସହର ପର୍ଯ୍ୟନ୍ତ ପହଞ୍ଚାଇ ଦେଇଛି । ଚା' ଦୋକାନ, ପରିବା ବିକ୍ରେତା, ଟ୍ୟାକ୍ସି ଚାଳକ, ଡାକ୍ତର, କ୍ଷୁଦ୍ର ବ୍ୟବସାୟିକ ପ୍ରତିଷ୍ଠାନ, ପ୍ରାୟ ସମସ୍ତଙ୍କ ପାଖରେ ଆଜି କ୍ୟୁଆର୍ କୋଡ୍ ଦେଖିବାକୁ ମିଳୁଛି। ୨୦୧୬-୧୭ ଆର୍ଥିକ ବର୍ଷରେ ମାତ୍ର ପ୍ରାୟ ୧.୭୮ କୋଟି ସଂଖ୍ୟକ ଡିଜିଟାଲ୍ କାରବାର ହୋଇଥିଲା ବେଳେ , ୨୦୨୫-୨୬ରେ ଏହା ପ୍ରାୟ ୧୨୦୦ ଗୁଣ ବୃଦ୍ଧି ପାଇ ୨୪,୧୬୨ କୋଟିରେ ପହଞ୍ଚିଛି । ଏହି ସମୟରେ ଲେଣଦେଣର ମୂଲ୍ୟ ୭ ଲକ୍ଷ କୋଟି ଟଙ୍କାରୁ ୪୦୦୦ ଗୁଣ ବୃଦ୍ଧି ପାଇ ପ୍ରାୟ ୩୧୪ ଲକ୍ଷ କୋଟି ଟଙ୍କାକୁ ଛୁଇଁଛି । ଜୁଲାଇ ୨୦୨୬ ମସିହାରେ ୨୩୬୬ କୋଟି ସଂଖ୍ୟକ ୟୁପିଆଇ କାରବାରର ମୂଲ୍ୟ ଥିଲା ପ୍ରାୟ ୨୯.୮୮ ଲକ୍ଷ କୋଟି ଟଙ୍କା। ଦୈନିକ ଏହି ୟୁପିଆଇ କାରବାର ହାରାହାରି ପ୍ରାୟ ୬୬ କୋଟି ଟଙ୍କା। ୟୁପିଆଇ ମାଧ୍ୟମରେ ଆଜି ଜଣେ ବ୍ୟକ୍ତିଠାରୁ ଅନ୍ୟଜଣଙ୍କୁ ଟଙ୍କା ପଠାଇବା (ପିଟୁପି), ଦୋକାନୀଙ୍କୁ ଟଙ୍କା ଦେବା (ପିଟୁଏମ୍), ବିଦ୍ୟୁତ୍-ପାଣି-ମୋବାଇଲ୍ ବିଲ୍, ବୀମା ପ୍ରିମିୟମ୍, ରେଳ ଟିକେଟ୍, କର ଓ ବିତ୍ତୀୟ ବଜାର ପେମେଣ୍ଟ ଇତ୍ୟାଦି ନିର୍ଦ୍ଧାରିତ ସମୟରେ ସହଜରେ ହୋଇପାରୁଛି।

ୟୁପିଆଇର ବ୍ୟାପକ ବ୍ୟବହାର ସହିତ ଏହାକୁ ଚଳାଇବା ପାଇଁ ଆବଶ୍ୟକ ଭିତ୍ତିଭୂମି, ବିଶାଳ ଡାଟା ସେଣ୍ଟର, ଶକ୍ତିଶାଳୀ ସର୍ଭର, ଉନ୍ନତ ପ୍ରଯୁକ୍ତି ବିଦ୍ୟା, ସାଇବର ସୁରକ୍ଷା ବ୍ୟବସ୍ଥା ଏବଂ ନିରନ୍ତର ରକ୍ଷଣାବେକ୍ଷଣ ପାଇଁ ବିପୁଳ ବିନିଯୋଗ ଆବଶ୍ୟକ। ଏହି ବ୍ୟବସ୍ଥାକୁ ଦୀର୍ଘମିଆଦୀ ଭାବେ ସୁଦୃଢ଼ ଓ ସ୍ଥାୟୀ କରିବା ମଧ୍ୟ ଏକ ବଡ଼ ଚ୍ୟାଲେଞ୍ଜ । ଏହି ଉଦ୍ଦେଶ୍ୟରେ ୟୁପିଆଇ କାରବାର ଉପରେ ଅକ୍ଟୋବର ୧୫ ତାରିଖରୁ ଲାଗୁ ହେବ ନୂଆ ନିୟମ। ଏଥିରେ କରାଯାଇଥିବା ଏମ୍‌ଡିଆର୍ (Mechant Discount Rate) ରେ ପରିବର୍ତ୍ତନକୁ ନେଇ ସାଧାରଣ ଲୋକଙ୍କ ମନରେ ଭୟ ଓ ଦ୍ୱନ୍ଦ ସୃଷ୍ଟି ହୋଇଛି। ତେବେ ଏହି ଏମ୍‌ଡିଆର୍ ହେଉଛି ବ୍ୟବସାୟୀଙ୍କ ସେବା ଶୁଳ୍କ ହାର । ସବୁଠାରୁ ଜରୁରୀ କଥା ହେଉଛି- ଏମ୍‌ଡିଆର୍ ଗ୍ରାହକଙ୍କ ଉପରେ ସିଧାସଳଖ ଲାଗୁ ହେଉଥିବା ଚାର୍ଜ ନୁହେଁ। ଏହା ପେମେଣ୍ଟ ବ୍ୟବସ୍ଥାର ବିକ୍ରେତା ବା ସେବା ପ୍ରଦାନକାରୀ ସଂସ୍ଥା ଉପରେ ଲାଗୁ ହେଉଥିବା ଏକ ଶୁଳ୍କ ବା କର।

ନୂଆ ନିୟମରେ ଗ୍ରାହକଙ୍କ ଉପରେ

- ପର୍ସନ ଟୁ ପର୍ସନ (ବ୍ୟକ୍ତିରୁ ବ୍ୟକ୍ତି) କାରବାର ସମ୍ପୂର୍ଣ୍ଣ ମାଗଣା। ଟଙ୍କାର ପରିମାଣ ଯେତେ ହେଉନା କାହିଁକି, ଏହି କାରବାର ପାଇଁ ବ୍ୟକ୍ତିଙ୍କଠାରୁ କୌଣସି ଚାର୍ଜ ବା ଦେଣନେଣ ଫି ଲାଗିବ ନାହିଁ ଅର୍ଥାତ୍ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଟଙ୍କା କାରବାରରେ କୌଣସି ଚାର୍ଜ ନାହିଁ।
- ୨୦୦୦ ଟଙ୍କା ପର୍ଯ୍ୟନ୍ତ ୟୁପିଆଇ ପେମେଣ୍ଟ ଉପରେ କୌଣସି ଚାର୍ଜ ବା ଅତିରିକ୍ତ ଦେୟ ନାହିଁ ।
- ପର୍ସନ ଟୁ ମର୍ଚ୍ଚାଣ୍ଟ,(ବ୍ୟକ୍ତିରୁ ବ୍ୟବସାୟୀ) ପେମେଣ୍ଟ ରେ ୨୦୦୦ ଟଙ୍କା ପର୍ଯ୍ୟନ୍ତ କାରବାର ସମ୍ପୂର୍ଣ୍ଣ ମାଗଣା
- ନିର୍ଦ୍ଦିଷ୍ଟ ପିଟୁଏମ୍ ୨,୦୦୦ ଟଙ୍କାରୁ ଅଧିକ ହେଲେ ୦.୪% ହିସାବରେ ଏମ୍‌ଡିଆର୍ ବା ସର୍ବାଧିକ ୩୦୦ ଟଙ୍କା ଦେବାକୁ ହେବ। ଅର୍ଥାତ୍ କୌଣସି ବ୍ୟକ୍ତି ଏକ ବ୍ୟବସାୟିକ ପ୍ରତିଷ୍ଠାନ ସହ ୨୦୦୦ ଟଙ୍କାରୁ ଅଧିକ ମୂଲ୍ୟର କାରବାର କଲେ, ବ୍ୟବସାୟୀ କୁ କାରବାରର ୦.୪% ବା ସର୍ବାଧିକ ୩୦୦ ଟଙ୍କା ଶୁଳ୍କ ଦେବାକୁ ହେବ।
- ୭୫,୦୦୦ ଟଙ୍କା କିମ୍ବା ଅଧିକ ବ୍ୟବସାୟିକ କାରବାରରେ ସାଧାରଣ ଏମ୍‌ଡିଆର୍‌ର ସର୍ବାଧିକ ସୀମା ୩୦୦ ଟଙ୍କା ପର୍ଯ୍ୟନ୍ତ ରହିଛି।
- ଯୋଗ୍ୟ କ୍ଷୁଦ୍ର ବ୍ୟବସାୟୀ ଯେଉଁମାନେ କ୍ୟୁଆର୍ କୋଡ୍ ମାଧ୍ୟମରେ ମାସକୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଂଗ୍ରହ କରନ୍ତି, ସେମାନଙ୍କ ପାଇଁ କୌଣସି ଚାର୍ଜ ଲାଗିବ ନାହିଁ।
- ରେଳ, ଟେଲିକମ୍, ବୀମା, ଇନ୍ଧନ ଓ କୃଷି ଇନପୁଟ୍‌ର ପରି ପ୍ରତି ନେଣଦେଣରେ ମାତ୍ର ନିର୍ଦ୍ଧାରିତ ୫ ଟଙ୍କା ଶୁଳ୍କ ଲାଗିବ।
- ପୁଞ୍ଜି ବଜାରରେ ୨,୦୦୦ ଟଙ୍କାରୁ ଅଧିକ ଲେଣଦେଣ ପାଇଁ ୦.୦୨% ଶୁଳ୍କ ଲାଗିବ।
- ସାଧାରଣ ଗ୍ରାହକଙ୍କଠାରୁ ଏମ୍‌ଡ଼ିଆର୍ ବା ଚାର୍ଜ ସିଧାସଳଖ ଆଦାୟ ହେବ ନାହିଁ।
- ମୋଟ ଉପରେ ଦେଖିଲେ ଗ୍ରାହକକୁ ୟୁପିଆଇ କାରବାର ପାଇଁ କୌଣସି ଶୁଳ୍କ ବା ଚାର୍ଜ ଦେବାକୁ ହେବନାହିଁ। ୟୁପିଆଇ ମାଧ୍ୟମରେ ହେଉଥିବା ଡିଜିଟାଲ କାରବାରର ପ୍ରାୟ ୯୬% ନେଣଦେଣ ମାଗଣା ରହିବ। ଡିଜିଟାଲ୍ ଯୁଗରେ ଅଜ୍ଞତା ହେଉଛି ଏକ ବଡ଼ ବିପଦ। ଉଡ଼ା ଖବର ଓ ଗୁଜବ ଶୁଣି ଭୟଭୀତ ନହୋଇ ତଥ୍ୟର ସତ୍ୟାସତ୍ୟ ଜାଣିବା ନିତାନ୍ତ ଆବଶ୍ୟକ ।

ୟୁପିଆଇ ଆମ ଦେଶର ଡିଜିଟାଲ୍ ଅର୍ଥନୀତିକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇଛି। ୟୁପିଆଇର ଦକ୍ଷ ପରିଚାଳନା ପାଇଁ ନୂଆ ନିୟମ ଆସିଲେ ମଧ୍ୟ ଏହାର ପ୍ରଭାବ ସାଧାରଣ ଜନତାଙ୍କ ଉପରେ ପଡ଼ିବ ନାହିଁ। ଡିଜିଟାଲ୍ ପେମେଣ୍ଟର ସୁବିଧା ସହିତ ସଚେତନତା ଅଧିକ ଦରକାର। ■

କଳିଙ୍ଗନଗର, ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

ନୀତି ଅନୀତି ରାଜନୀତି

ଶ୍ରୀବିଦୂର

ଯେମିତି ଗୁରୁ, ସେମିତି ଶିଷ୍ୟା

ରାଜନୀତିରେ ତଥ୍ୟ ଓ ତର୍କ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି । ବିନା ତଥ୍ୟରେ ତର୍କ ଯେପରି ମୂଲ୍ୟହୀନ, ତଥ୍ୟରେ ତର୍କର ତଡ଼କା ନ ଦେଲେ ତାହା ବି ହୋଇଯାଏ ନିରସ । ମାତ୍ର ଆଜିକାଲି ଅନେକ ରାଜନେତା ଏହି ସୂତ୍ରକୁ ପାଶୋରିଯିବା ପରି ମନେ ହୁଏ । ଭାଷଣ ଦେବା ବେଳେ ବିନା ତଥ୍ୟରେ ଯାହାପାରି ତାହା କହୁଥିବା ଦୃଷ୍ଟାନ୍ତ ବିରଳ ନୁହେଁ । ଗଳାରେ ଗେଣ୍ଡୁମାଳ ପକାଇ ପ୍ରତିପକ୍ଷକୁ ସମାଲୋଚନା କରିବା ସହଜ, ମାତ୍ର ବାସ୍ତବିକତାକୁ ସାମ୍ନା କରିବା ଆଦୌ ସହଜ ନୁହେଁ । ଏହି ଦୃଷ୍ଟିରୁ ଭାରତୀୟ ପ୍ରଶାସନିକ ସେବାରୁ ରାଜନୀତିରେ ପାଦ ଥାପିଥିବା ସୁଜାତା ରାଉତ କାର୍ତ୍ତିକେୟନ ଏକ ସମ୍ପୂର୍ଣ୍ଣ ବ୍ୟତିକ୍ରମ । ପ୍ରସଙ୍ଗ ଭିତ୍ତିକ ସ୍ତମ୍ଭ ଲିଖନ ହେଉ ବା ରାଜନୈତିକ ମଞ୍ଚରେ ବିରୋଧୀଙ୍କୁ ପ୍ରତ୍ୟକ୍ଷ ଆହ୍ୱାନ; ଉଭୟ କ୍ଷେତ୍ରରେ ସେ ଅଳ୍ପ ଦିନ ମଧ୍ୟରେ ନିଜକୁ ପ୍ରମାଣିତ କରି ଦେଇଛନ୍ତି । ଖଣି ଆଇନ ସଂଶୋଧନ ଓ ଓଡ଼ିଶା ଉପରେ ଏହାର ନକରାତ୍ମକ ପ୍ରଭାବକୁ ସେ ନିଜ ସ୍ତମ୍ଭରେ ନିଖୁଣ ଭାବରେ ଅବତାରଣା କରି ପଦ୍ମଦଳିଆଙ୍କୁ କେବଳ କାଠଗଡ଼ାରେ ଠିଆ କରିନାହାନ୍ତି; ଓଡ଼ିଶାର ସ୍ୱାର୍ଥ ସୁରକ୍ଷା ଲାଗି ଈଶ୍ୱରଙ୍କ ନାମରେ ଶପଥ ନେଇଥିବା ଚଉଠ ପଣେ ପଦ୍ମ ସାଂସଦଙ୍କୁ ଚୁପ୍ କରିଦେବାକୁ ସମର୍ଥ ହୋଇଛନ୍ତି । ରାଜଧାନୀର ରାଜରାସ୍ତାରେ ସୁଜାତାଙ୍କ ଗର୍ଜନର ଜବାବ ଦେବାକୁ ଏକ ସାମ୍ବାଦିକ ସମ୍ମିଳନୀରେ ପଦ୍ମ ଦଳର ପାଞ୍ଚ ସାଂସଦଙ୍କ ପ୍ରୟାସ ବି ସଫଳ ହୋଇପାରି ନାହିଁ । ପଦ୍ମ ଦଳର ଜାତୀୟ ତୁଣ୍ଡ ଡାକ୍ତର ପାତ୍ରେଙ୍କଠାରୁ ଷଡ଼ଙ୍ଗୀ ମ୍ୟାଡାମଙ୍କ ପର୍ଯ୍ୟନ୍ତ ଏହି ସାମ୍ବାଦିକ ସମ୍ମିଳନୀରେ ସୁଜାତା ଉଠାଇଥିବା ସିଧା ପ୍ରଶ୍ନର ଉତ୍ତର ଦେବାରେ ଅସମର୍ଥ ହୋଇଛନ୍ତି । ସେଥିପାଇଁ କଥାରେ ଅଛି- ଯେମିତି ଗୁରୁ, ସେମିତି ଶିଷ୍ୟ । ନବୀନ ଯାହାଙ୍କ ଗୁରୁ, ତାଙ୍କୁ ପାରିବା କେଉଁ ସହଜ କଥା ...? ■

ମନ୍ତ୍ରୀଙ୍କ ଘରେ କୁଆଁକୁଆଁ

ଗତ ଶତାବ୍ଦୀର ଅଶୀ ଦଶକ ବେଳକୁ ଭାରତୀୟଙ୍କ ହାରାହାରି ଜୀବନକାଳ ଷାଠିଏ ଭିତରେ ଥିଲା । ସମ୍ଭବତଃ ସେଥିପାଇଁ ପୁରୁଖା ଲୋକମାନେ କହୁଥିଲେ 'କଳି ଷଠା ଷାଠିଏ' । ଅର୍ଥାତ୍ କଳିଯୁଗରେ ମଣିଷଙ୍କ ଆୟୁ ଷାଠିଏ ହେବ, ତେଣୁ ଜୀବନ ଚକ୍ର ସେହି ହିସାବରେ ଗଡ଼ୁଥିଲା । ପୁଅ-ଝିଅଙ୍କ ବିବାହ କୋଡ଼ିଏ ପୂର୍ବରୁ ସରି ଯାଉଥିଲା, ଚାଳିଶି ବର୍ଷ ବେଳକୁ ନାତିନାତୁଣୀ ସୁଖ ଓ ସଖ୍ୟ ଲାଭ ହେଉଥିଲା । ମାତ୍ର ଆଜିକାଲି ସମୟ ବଦଳିଛି; ସ୍ୱିଜରଲାଣ୍ଡ, ହଂକଂ, ଜାପାନ ପରି ଦେଶର ଲୋକଙ୍କ ହାରାହାରି ଜୀବନ କାଳ ଅଶୀ ଟପିଛି । ଆମେ ଭାରତୀୟମାନେ ବି ଏ କ୍ଷେତ୍ରରେ ପଛରେ ପଡିନାହୁଁ, ଏବେ ଆମ ଦେଶର ଲୋକଙ୍କ ହାରାହାରି ଆୟୁଷ ଏକସ୍ତରୀ ଅତିକ୍ରମ କରିଛି । ତେଣୁ ପାଞ୍ଚ ଛଅ ଦଶନ୍ଧି ତଳେ ଲୋକମାନେ ଯେଉଁ ବୟସରେ ନାତିନାତୁଣୀ ଦେଖୁଥିଲେ; ଆଜିକାଲି ସେହି ବୟସରେ ଅନେକ ପିତା ହେବାର ପରମ ସୌଭାଗ୍ୟ ଲାଭ କରୁଛନ୍ତି, ଅନେକ ମହିଳା ବେବି ବମ୍ପ ପ୍ରଦର୍ଶନ କରୁଛନ୍ତି । ମାତ୍ର ନିଜ କଥା ଓ କାର୍ଯ୍ୟଶୈଳୀ ପାଇଁ ଖ୍ୟାତି ଅର୍ଜନ କରିଥିବା ଜଣେ ବୟସ୍କ କ୍ୟାବିନେଟ ମନ୍ତ୍ରୀଙ୍କ ପିତୃତ୍ୱ ଲାଭ ଅନେକଙ୍କୁ ଆମୋଦିତ କରିଛି । ମନ୍ତ୍ରୀବାପୁଡ଼ା ଯେ ପୂର୍ବରୁ ବାପା ହୋଇ ନ ଥିଲେ, ସେ କଥା ନୁହେଁ । ନିର୍ବାଚନ ସମୟରେ ଦାଖଲ ସତ୍ୟପାଠରେ ସେ ଏକାଧିକ ସନ୍ତାନସନ୍ତତିଙ୍କ ଜନକ ବୋଲି ଉଲ୍ଲେଖ କରିଛନ୍ତି । ଏହା ସତ୍ତ୍ୱେ ଷାଠିଏ ଉତ୍ତର ବୟସରେ ପୁନଃ ପିତୃତ୍ୱଲାଭ ଅନେକଙ୍କ ପାଇଁ ଆମୋଦଦାୟୀ ହୋଇଛି । ସନ୍ତାନସନ୍ତତି ଲାଭ ଏକ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ବ୍ୟାପାର; ପୁଣି ଏହି ବୟସରେ ବି ସେ ଗୁରୁତ୍ୱପୂର୍ଣ୍ଣ ସରକାରୀ ଦାୟିତ୍ୱ ନିର୍ବାହ କରି ପରିବାର ପାଇଁ ସମୟ ଦେଇ ପାରୁଛନ୍ତି, ସରକାର ଓ ପରିବାର ମଧ୍ୟରେ ସମନ୍ୱୟ ରଖିବାରେ ସଫଳ ହୋଇଛନ୍ତି । ଏଥିପାଇଁ ଆମେ ତାଙ୍କୁ ଅଭିନନ୍ଦନ ଜଣାଉଛୁ ଓ ତାଙ୍କ ସନ୍ତାନର ସୁସ୍ୱାସ୍ଥ୍ୟ, ଦୀର୍ଘାୟୁ କାମନା କରୁଛୁ । ■

ପରୀକ୍ଷା ନ ଦେଇ ବି ପାସ୍!

ବିଷ୍ଣୁ ତନୟ ସୂର୍ଯ୍ୟବଂଶୀ ବାସ୍ତବରେ ବଡ଼ ଭାଗ୍ୟବାନ । ପିତାଙ୍କ ପରଲୋକ ତାଙ୍କ ରାଜନୀତି ପଥ ପରିଷ୍କାର କରିଥିଲା । ରାଜ୍ୟରେ ପଦ୍ମ ଦଳର ଅପ୍ରତ୍ୟାଶିତ ବିଜୟ ତାଙ୍କ ପାଇଁ ମନ୍ତ୍ରୀ ହେବାର ବାଟ ଫିଟାଇଥିଲା । ଯାବତୀୟ ବିବାଦ ସତ୍ତ୍ୱେ ଦଳରେ ଆଭ୍ୟନ୍ତରୀଣ କନ୍ଦଳ ତାଙ୍କ ମନ୍ତ୍ରୀ ପଦକୁ ସୁରକ୍ଷା ଦେଇଥିଲା । ଆଉ ଏବେ ଛାତ୍ରସଂସଦ ନିର୍ବାଚନରେ ଦୁଇଶହରୁ ଊର୍ଦ୍ଧ୍ୱ କଲେଜରେ ନିର୍ବାଚନ କରା ନ ଯାଇ ତାଙ୍କ ଦଳ ସମର୍ଥିତ ଛାତ୍ରନେତାମାନେ କଲେଜ ମୁଖିଆ ହେବା ବାଟ ପରିଷ୍କାର ହୋଇଗଲା । ଅର୍ଥାତ୍ ପରୀକ୍ଷା ନ ଦେଇ ବି ପାସ୍ । ରାଜ୍ୟରେ ପ୍ରାୟ ପାଖାପାଖି ପାଁଶ ପଚାଶ କଲେଜରେ ଛାତ୍ରସଂସଦ ନିର୍ବାଚନ ହେବା କଥା, ମାତ୍ର ହେଲା ମାତ୍ର ଚାଳିଶି ପ୍ରତିଶତ କଲେଜରେ ନିର୍ବାଚନ ହେଲା ନାହିଁ । ତିନି ବିଶ୍ୱବିଦ୍ୟାଳୟ ଓ ଦୁଇଶହରୁ ଊର୍ଦ୍ଧ୍ୱ କଲେଜ କର୍ତ୍ତୃପକ୍ଷ ବିଭିନ୍ନ କାରଣ ଦର୍ଶାଇ ନିର୍ବାଚନରୁ ମୁହଁ ମୋଡ଼ିଲେ । ଏଥିପାଇଁ ସରକାର କି ଉଚ୍ଚଶିକ୍ଷା ବିଭାଗ ଚାପ ପକାଇଛନ୍ତି କି ନାହିଁ, ତାହା ଭିନ୍ନ କଥା । ମାତ୍ର ଏହି କଲେଜରେ ଇଲେକ୍ସନ ପରିବର୍ତ୍ତେ ସିଲେକ୍ସନ ହେବାକୁ ନିଷ୍ପତ୍ତି ହେଲା । ବିଶ୍ୱବିଦ୍ୟାଳୟ କୁଳପତି ବା ମହାବିଦ୍ୟାଳୟ ଅଧ୍ୟକ୍ଷ କେବେ ସରକାରଙ୍କୁ ଅସନ୍ତୁଷ୍ଟ କରିବାକୁ ଚାହିଁବେ କି ? ତେଣୁ ଯାହା ଆଶଙ୍କା କରାଯାଉଥିଲା, ତାହା ହିଁ ଘଟିଲା । ଶାସକ ଦଳ ସମର୍ଥିତ ଛାତ୍ରନେତାମାନେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଛାତ୍ରସଂସଦ ମୁଖିଆ ହୋଇଗଲେ । ଆଉ ଯେଉଁ ଷାଠିଏ ପ୍ରତିଶତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ରହିଲା, ସେଠାରେ ବିଭିନ୍ନ କାରଣରୁ ପ୍ରାୟ ଚଉଦ ପ୍ରତିଶତ ଛାତ୍ରନେତାଙ୍କ ନାମାଙ୍କନକୁ ଅବୈଧ ଘୋଷଣା କରିଦିଆଗଲା । କିଏ କ'ଣ କହିବ କହୁ, କିଏ କ'ଣ କରିବ କରୁ । ସରକାର ଆମର, ଶିକ୍ଷା ବ୍ୟବସ୍ଥା ଆମର, ସଚିବ ଆମର, ଜିଲ୍ଲାପାଳ ଓ ପୁଲିସ ବି ଆମର; ଶେଷରେ ବିଜୟ ଆମର । ଜୋ ଜିତା ୱହି ସିକନ୍ଦର । ■

ପାଣିଗ୍ରାହୀ ବାଣ ଅସମ୍ଭାଳ

ଆଜିକାଲି ରାଜନୀତିରେ କିଏ କେଉଁଠାରୁ କେଉଁ ବାଗରେ ବାଣ ମାରନ୍ତି, ତାହା କେହି ପୂର୍ବରୁ ଅନୁମାନ ବା ଆକଳନ କରିପାରିବ ନାହିଁ । କିଏ ମଞ୍ଚରୁ ବୈଷ୍ଣବାସ୍ତ୍ର ମାରନ୍ତି, କିଏ ସଂସଦରେ ପଶୁପତାସ୍ତ୍ର ଛାଡନ୍ତି, କିଏ ପୁଣି ସିଧା ସୋସିଆଲ ମିଡ଼ିଆରୁ ମାରନ୍ତି ବ୍ରହ୍ମାସ୍ତ୍ର । ଡବଲ ଇଞ୍ଜିନ୍ ସରକାରଙ୍କୁ ଘାଣ୍ଟିବାକୁ ବ୍ରହ୍ମପୁର ସାଂସଦ ପାଣିଗ୍ରାହୀ ଆଜ୍ଞା ଏବେ କୁଆଡ଼େ ତୃତୀୟ ବିକଳ୍ପକୁ ବାଛିଛନ୍ତି । ପାଣିଗ୍ରାହୀବାବୁ ଯେମିତି ଗୋଟାକ ପରେ 'ଏକ୍ସ' ମାଡ଼ କରୁଛନ୍ତି; ତାହା ଖାଲି ସରକାରଙ୍କୁ ନୁହେଁ, ଦଳକୁ ବି ଅକଳରେ ପକାଇ ଦେଇଛି । ମାତ୍ର କୌତୂହଳର କଥାଟି ହେଉଛି ସରକାର ଓ ଦଳ ଏଥିରେ ଯେତିକି ବ୍ୟସ୍ତ ବା ବିବ୍ରତ ହେଉନାହାନ୍ତି; ତା'ଠୁ ବେଶୀ ବ୍ୟତିବ୍ୟସ୍ତ ହେଉଛନ୍ତି ଗୋପାଳପୁର ଜେନା ମହାଶୟ । ସିଏ ତାଙ୍କ ଖଣି କଥା ବୁଝିବେ ନା ପାଣିଗ୍ରାହୀଙ୍କ ବାଣକୁ ରୋକିବେ ତାହା ବୁଝି ପାରୁନାହାନ୍ତି । ହିରୋସିମା ଓ ନାଗାସାକି ଉପରେ ଆମେରିକାର ଆଟମ୍‌ବମ୍ ଯେତିକି ଶବ୍ଦ କରି ନ ଥିଲା, ପାଣିଗ୍ରାହୀଙ୍କ 'ଏକ୍ସ' ମାଡ଼ ଜେନାବାବୁଙ୍କ ଶିବିରରେ ତାହାଠୁ ବେଶୀ ଶବ୍ଦ କରୁଛି ଓ ଏହାର ପ୍ରତିଧ୍ୱନୀରେ ସାରା ଗଞ୍ଜାମ ଜିଲ୍ଲା କମ୍ପମାନ ହେଉଛି । ଏକ ସମୟରେ ଗଞ୍ଜାମ ରାଜନୀତିରେ ପାଣିଗ୍ରାହୀ ଓ ଜେନା ମହାଶୟ ଥିଲେ ରେଳ ଲାଇନର ଦୁଇ ଧାରଣା ପରି ସମାନ୍ତରାଳ । ସମୟକ୍ରମେ ଉଭୟ ଏବେ ଗୋଟିଏ ଦଳରେ ଥିଲେ ବି ଦିହେଁ ଏବେ ବି ସମାନ୍ତରାଳ ଧାରାରେ ଚାଲିଛନ୍ତି । ଗଲା ଅଢ଼େଇ ବର୍ଷ ଭିତରେ ଗଞ୍ଜାମ ଜିଲ୍ଲାରେ ବିକାଶ ଠପ୍ । ସରକାର ଆସିବା ବେଳକୁ ଅଧା ଗଢ଼ା ହୋଇଥିବା ପ୍ରକଳ୍ପ ଓ କାର୍ଯ୍ୟଗୁଡ଼ିକ ସେପରି ପଡ଼ି ରହିଛି । ନିର୍ବାଚନ ବେଳେ ଦିଆଯାଇଥିବା ପ୍ରତିଶ୍ରୁତିରେ ଫିମ୍ପି ଲାଗିଗଲାଣି । ନିଜ ବିଭାଗକୁ ନେଇ ଆନନ୍ଦରେ ଜୀବନ ବିତାଉଥିବାବେଳେ ପାଣିଗ୍ରାହୀଙ୍କ ଅସମ୍ଭାଳ 'ଏକ୍ସ' ମାଡ଼ ବେଳେବେଳେ ଜେନାବାବୁ, ତାଙ୍କ ବିଭାଗ, ସରକାର ଓ ଦଳକୁ ବେଳେବେଳେ କୁଆଡ଼େ ବିବ୍ରତ କରି ଦେଉଛି । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।

ସମସ୍ୟା ସୃଷ୍ଟି କରିବ ଏମ୍‌ଡିଆର୍ ଶୁଳ୍କ

ୟୁପିଆଇ ପେମେଣ୍ଟକୁ ନେଇ ଏନ୍‌ସିପିଆଇ ପକ୍ଷରୁ ନୂଆ ଫ୍ରେମୱାର୍କ କରାଯାଇଛି । ଏହା ଅନୁଯାୟୀ ୨୦୦୦ରୁ ଅଧିକ ଟଙ୍କା ବ୍ୟବସାୟୀଙ୍କୁ ୟୁପିଆଇ ମାଧ୍ୟମରେ ପେମେଣ୍ଟ କଲେ ଏଥିପାଇଁ ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ ଲାଗୁ ହେବ । ଗ୍ରାହକ ଡେବିଟ୍ କାର୍ଡ, କ୍ରେଡିଟ୍ କାର୍ଡ, କିମ୍ବା ଡିଜିଟାଲ୍ ପେମେଣ୍ଟରେ ବ୍ୟବସାୟୀଙ୍କୁ ଟଙ୍କା ଦେବା ବେଳେ ସେହି ପେମେଣ୍ଟରୁ ବ୍ୟବସାୟୀଙ୍କଠାରୁ ଶୁଳ୍କ ନିଆଯିବ । ଏହି ଖବର ପ୍ରକାଶ ପରେ ଫୋନ୍‌ପେ ବ୍ୟବହାରକାରୀ ଓ ବ୍ୟବସାୟୀଙ୍କ ମଧ୍ୟରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଉଛି । କ୍ଷୁଦ୍ର ଏବଂ ବଡ଼ ବ୍ୟବସାୟୀମାନେ ଏହାକୁ ନେଇ ଚିନ୍ତା ପ୍ରକାଶ କରୁଛନ୍ତି । ତେବେ ୟୁପିଆଇ ପେମେଣ୍ଟ ଶୁଳ୍କ ଦେବାକୁ କିଏ କ'ଣ କହୁଛନ୍ତି, ଜାଣିବା ।



"ସାଧାରଣ ଲୋକଙ୍କ ପାଇଁ ହୋଇପାରେ ସମସ୍ୟା"

ମୋ ମତରେ ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ ଲାଗୁ ହେଲେ ଏହାଦ୍ୱାରା ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ସାଧାରଣ ଲୋକ ସମସ୍ୟାର ସମ୍ମୁଖୀନ ହେବେ । ମୁଁ ମଧ ହେବି । କାରଣ ଅନେକ ବ୍ୟବସାୟୀମାନେ ଗ୍ରାହକଙ୍କଠାରୁ ଏଥିପାଇଁ ଅଧିକ ଟଙ୍କା ଚାର୍ଜ କରିବେ । ମୁଁ ମଧ ଜଣେ ହଷ୍ଟେଲ, ପିଜି ମାଲିକ । ବର୍ତ୍ତମାନ ସମୟରେ ଅଧିକାଂଶ ପିଲା ଆମ ହଷ୍ଟେଲରେ ଡିଜିଟାଲ୍ ପେମେଣ୍ଟ କରୁଛନ୍ତି । ତେଣୁ ୧୫ ଅକ୍ଟୋବର ପରେ ଏହି ନୂଆ ନିୟମ ଲାଗୁ ହେଲେ ମର୍ଚ୍ଚାଣ୍ଟ ରେଟ୍ ବାବଦକୁ ମୋର ମଧ ଟଙ୍କା କଟିବ । ତେବେ ବାସ୍ତବରେ କ'ଣ ହେବ ନିୟମ ଲାଗୁ ପରେ ଜଣାପଡ଼ିବ । ■

ରଶ୍ମିକାନ୍ତ ପାତ୍ର
ମାଲିକ, ପ୍ରେମାଞ୍ଜଳି ଲେଡିସ୍ ହଷ୍ଟେଲ
ଜାଗମରା, ଭୁବନେଶ୍ୱର

"ବ୍ୟବସାୟରେ ବାଧା ସୃଷ୍ଟି ହେବ"

ହଁ, ନିହାତି ଭାବେ ଏଇ ନିୟମ କାର୍ଯ୍ୟକାରୀ ହେଲେ ମୋ ଭଳି ମେକ୍‌ଅପ୍ ଆର୍ଟିଷ୍ଟମାନେ ମଧ ପ୍ରଭାବିତ ହେବେ । ବ୍ରାଇଡାଲ, ହେବି ପାର୍ଟି ମେକ୍‌ଅପ୍ ଆଦିର ମୂଲ୍ୟ ୨୦୦୦ ଟଙ୍କାରୁ ଅଧିକ ଥାଏ । ତେଣୁ ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ ଲାଗୁ ହେଲେ ପ୍ରତି ବଡ଼ ପେମେଣ୍ଟରେ ୦.୪ ପ୍ରତିଶତ କଟିଲେ ଏହା ମୋ ପାଇଁ କ୍ଷତି । ମୋ ପକେଟ୍‌ରୁ ଟଙ୍କା ଗଲା ଭଳି ଲାଗିବ । ■

ଲକ୍ଷ୍ମୀପ୍ରିୟା ମହାରଣା
ମେକ୍‌ଅପ୍ ଆର୍ଟିଷ୍ଟ, ପୁରୀ

"ଏବେଠୁ ବନ୍ଦ ଅନ୍‌ଲାଇନ୍ କାରବାର"

ମୁଁ ଜଣେ ଗୃହିଣୀ । ଘର ରାସନ ହେଉ ଅବା ପିଲାଙ୍କ ଟିଫିନ୍ ଦୈନିକ ଛୋଟମୋଟ ଜିନିଷ କିଣାକିଣି ଚାଲେ । ମୋ' ଜାଣିବାରେ ୨୦୦୦ ଟଙ୍କାରୁ ତଳକୁ କିଣିଲେ କୌଣସି ଚାର୍ଜ ଲାଗୁ ହେବନି । ଏହାଠୁ ଅଧିକ ହେଲେ ୦.୪ ପ୍ରତିଶତ କଟିବ । ହେଲେ କିଛି ଦୋକାନୀ ଏ କଥାକୁ ବୁଝି ପାରୁନାହାନ୍ତି । ଅଧିକାଂଶ ଲୋକେ ତ ଏବେଠୁ ସିଧାସଳଖ ଅନ୍‌ଲାଇନ୍ ଟଙ୍କା ନେବାକୁ ମନା କରି ଦେଉଛନ୍ତି । ■

ଅମ୍ବିକା ମହାନ୍ତି
ଗୃହିଣୀ, ନୟାଗଡ଼

"ଆଗୁଆ କିଛି ଆକଳନ କରି ହେବନି"

ମୋ ମତରେ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ ନେଇ ଆଗରୁ କିଛି ଆକଳନ କରି କହିବା ଠିକ୍ ହେବନି । ନିୟମ ଲାଗୁ ହେଲା ପରେ ଯାଇ ଲାଭ କ୍ଷତି ବିଚାର ହେବ । ତେଣୁ ମର୍ଚ୍ଚାଣ୍ଟ ଡିକାଉଣ୍ଟ ରେଟ୍‌ର ପ୍ରଭାବ ପେଟ୍ରୋଲ୍ ପମ୍ପଗୁଡ଼ିକକୁ କିଭଳି ପ୍ରଭାବିତ କରୁଛି, ତାହା ଅକ୍ଟୋବର ୧୫ ତାରିଖ ପରେ ହିଁ ଜଣାପଡ଼ିବ । ■

ତନ୍ମୟ ସାହୁ
ମ୍ୟାନେଜର, ଖଣ୍ଡଗିରି ପେଟ୍ରୋଲ ପମ୍ପ

"ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେବେ"

ବ୍ୟସ୍ତବହୁଳ ଜୀବନରେ ଆର୍ଥିକ କାରବାରରେ ୟୁପିଆଇ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହା ମାଧ୍ୟମରେ ଯେ କୌଣସି ଜିନିଷ କିଣିଲେ ସହଜରେ ଟଙ୍କା ପଠଇ କରିପାରୁଛନ୍ତି । ଏପରିକି ଯେ କୌଣସି ଲୋକଙ୍କ ପାଖକୁ ସୁବିଧାରେ ଟଙ୍କା ପଠା ଯାଇପାରୁଛନ୍ତି । ଏହାଦ୍ୱାରା ଅଯଥାରେ ବ୍ୟାଙ୍କ ଆଗରେ ଟଙ୍କା ଉଠାଇବା ପାଇଁ ଘଣ୍ଟା ଘଣ୍ଟା ଛିଡ଼ା ହେବାକୁ ପଡୁନି । ତେଣୁ ୟୁପିଆଇ ଦ୍ୱାରା ଲୋକେ ଯଥେଷ୍ଟ ଉପକୃତ ହେଉଛନ୍ତି । ଯଦି ଏବେ ୟୁପିଆଇ ପେମେଣ୍ଟ ଉପରେ ଏମ୍‌ଡିଆର୍ ଟ୍ୟାକ୍ସ ଲଗାଯାଏ ଜନସାଧାରଣ ପୁଣି ହଇରାଣ ହେବେ । ଏଣୁ ମୋ ମତରେ ସରକାରଙ୍କ ଏହି ନୀତି ଲୋକମାନଙ୍କୁ ବହୁ ସମସ୍ୟାରେ ପକାଇବ । ୟୁପିଆଇ ପେମେଣ୍ଟ ଏମ୍‌ଡିଆର୍ ଶୁଳ୍କ ଲଗାଇଲେ ଲୋକେ ଅଯଥାରେ ବହୁ ଅସୁବିଧାର ସମ୍ମୁଖୀନ ହେବେ । ■

ମଧୁସ୍ମିତା ଦାସ
ଜ୍ୟୋତିଷ ବିଶାରଦ, ଭୁବନେଶ୍ୱର

"ଅତିରିକ୍ତ ଚାର୍ଜ ଲାଭାଂଶକୁ କମାଇବ"

ୟୁପିଆଇ ପେମେଣ୍ଟ ବ୍ୟବସାୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହାଦ୍ୱାରା ଗ୍ରାହକମାନେ ସହଜରେ ଏବଂ ଶୀଘ୍ର ପେମେଣ୍ଟ କରିପାରନ୍ତି । କିନ୍ତୁ ଯଦି ୟୁପିଆଇ ଉପରେ ୦.୪ ପ୍ରତିଶତ ଚାର୍ଜ ଲାଗୁ ହୁଏ, ତେବେ ଏହା ଆମ ପାଇଁ ଏକ ଅନାବଶ୍ୟକ ଆର୍ଥିକ ବୋଝ ହେବ, କାରଣ ଆଜିକାଲି ଆମ ବ୍ୟବସାୟରେ ଖାଦ୍ୟ ସାମଗ୍ରୀର ମୂଲ୍ୟ , କର୍ମଚାରୀଙ୍କ ଦରମା, ବିଦ୍ୟୁତ୍ ବିଲ୍, ଗ୍ୟାସ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଦିନକୁ ଦିନ ବଢ଼ୁଛି । ଏଭଳି ପରିସ୍ଥିତିରେ ଏହିପରି ଅତିରିକ୍ତ ଚାର୍ଜ ଆମ ଲାଭକୁ କମାଇଦେବ । ତେଣୁ ସରକାରଙ୍କୁ ଆମର ଅନୁରୋଧ ଏହି ନିଷ୍ପତ୍ତିର ପୁନର୍ବିଚାର କରାଯାଉ । ■

ଚିନ୍ମୟ ବାରିକ
ଭୁବନେଶ୍ୱର

କେମିତି କଟିବ ସପ୍ତାହ

ମେଷ
ରବି, ସୋମବାରରେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପୂରା ହୋଇପାରେ । ମଙ୍ଗଳ, ବୁଧ, ଗୁରୁବାରରେ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇ ପାରେ । ଶୁକ୍ର, ଶନିବାରରେ ସନ୍ତାନଙ୍କ ଉନ୍ନତି ପାଇଁ ବିଭିନ୍ନ ପ୍ରକାର ପ୍ରଚେଷ୍ଟା ଜାରି ରଖିବେ । ବ୍ୟବସାୟରେ କ୍ଷତି ହୋଇପାରେ ।

ବୃଷ
ରବି, ସୋମବାରରେ ଆଶା କରୁଥିବା ଦିଗରୁ ସୁଫଳ ପାଇବେ । ସମସ୍ୟାର ସମାଧାନ ଘଟିବ । ମଙ୍ଗଳ, ବୁଧ, ଗୁରୁବାରରେ ଅଧିକ ବିଶ୍ୱାସ କରି ଠକାମିର ଶିକାର ହୋଇପାରନ୍ତି । ଶୁକ୍ର, ଶନିବାରରେ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ଦେଖାଦେବ ।

ମିଥୁନ
ରବି, ସୋମବାରରେ ଅକସ୍ମାତ୍ ବନ୍ଧୁମିଳନ ହୋଇପାରେ । ମଙ୍ଗଳ, ବୁଧ, ଗୁରୁବାରରେ ବିବାଦୀୟ ପରିସ୍ଥିତିରୁ ଦୂରେଇ ରୁହନ୍ତୁ । ପରିବାରଠାରୁ ସହଯୋଗ ନ ପାଇ ଦୁଃଖିତ ହେବେ । ଶୁକ୍ର, ଶନିବାରରେ ବେରୋଜଗାରିଆମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ ।

କର୍କଟ
ରବି, ସୋମବାରରେ ଅତିଥିଙ୍କ ଆଗମନ ହୋଇପାରେ । ପରିବାରରେ ଆନନ୍ଦଉଲ୍ଲାସ ଦେଖାଦେବ । ମଙ୍ଗଳ, ବୁଧ, ଗୁରୁବାରରେ ବ୍ୟବସାୟରେ ଅଧିକ ପୁଞ୍ଜି ନିବେଶ କରି ଲାଭବାନ ହେବେ । ଶୁକ୍ର, ଶନିବାରରେ ଉଚ୍ଚଆଶା ପୂରଣ ହେବେ ।

ସିଂହ
ରବି, ସୋମବାରରେ ମାନସିକ ଅଶାନ୍ତି ଭୋଗି ପାରନ୍ତି । କାର୍ଯ୍ୟରେ ବାଧାବିଘ୍ନ ସୃଷ୍ଟି ହୋଇପାରେ । ମଙ୍ଗଳ, ବୁଧ, ଗୁରୁବାରରେ ଧାର୍ମିକ କାର୍ଯ୍ୟରେ ମନ ବଳାଇବେ । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ଶୁକ୍ର, ଶନିବାରରେ ଗୁରୁଜନଙ୍କ ପରାମର୍ଶ ନେଇ ଆଗକୁ ବଢ଼ିବେ ।

କନ୍ୟା
ରବି, ସୋମବାରରେ ନିଜ ସ୍ୱାଧୀନତାରେ ବାଧା ସୃଷ୍ଟି ହୋଇପାରେ । ମଙ୍ଗଳ, ବୁଧ, ଗୁରୁବାରରେ ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ବ୍ୟବସାୟିକ ଲାଭାନ୍ୱିତ ହେବେ । କଠିନ ପରିଶ୍ରମ କରି ସଫଳତା ପାଇବେ ।

ତୁଳା
ରବି, ସୋମବାରରେ ମନୋବଳ ଦୃଢ଼ କରି ଆଗକୁ ବଢ଼ିବେ । ସମସ୍ୟାର ସମାଧାନ ବାଟ ପାଇବେ । ମଙ୍ଗଳ, ବୁଧ, ଗୁରୁବାରରେ ପଡ଼ୋଶୀଙ୍କ ସହ ସମ୍ପର୍କରେ ଭିନ୍ନ ମୋଡ଼ ଦେଖାଦେବ । ଶୁକ୍ର, ଶନିବାରରେ ତରବରିଆ ଭାବରେ କୌଣସି ନିଷ୍ପତ୍ତି ନଅନ୍ତୁ ନାହିଁ ।

ବିଛା
ରବି, ସୋମବାରରେ କ୍ୟାରିୟରରେ ଉନ୍ନତି ପରିଲକ୍ଷିତ ହେବେ । ପରିବାର ସହଯୋଗରେ ଅର୍ଥଚିନ୍ତା ଦୂର ହେବ । ମଙ୍ଗଳ, ବୁଧ, ଗୁରୁବାରରେ ଗୁପ୍ତ କଥାକୁ ଅନ୍ୟକୁ କୁହନ୍ତୁ ନାହିଁ । ଶୁକ୍ର, ଶନିବାରରେ ଉଚ୍ଚଆଶା ପୂରଣ ହୋଇପାରେ ।

ଧନୁ
ରବି, ସୋମବାରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ମଙ୍ଗଳ, ବୁଧ, ଗୁରୁବାରରେ ନୂଆ କାମ କରି ଉତ୍ସାହିତ ରହିବେ । ଛାତ୍ରଛାତ୍ରୀମାନେ କ୍ୟାରିୟର ପାଇଁ ଚିନ୍ତିତ ରହିବେ । ଶୁକ୍ର,ଶନିବାରରେ ପାରିବାରିକ ନିବିଡ଼ତା ବୃଦ୍ଧି ପାଇବ ।

ମକର
ରବି, ସୋମବାରରେ ମାନସିକ ଅବସାଦର ଶିକାର ହୋଇପାରେ । ମଙ୍ଗଳ, ବୁଧ, ଗୁରୁବାରରେ ସାଙ୍ଗସାଥୀଙ୍କ ସହ ଭୁଲ୍ ବୁଝାମଣା ପାଇଁ ଦୂରତା ବଢ଼ିବ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ଅସ୍ଥିରତା ଅନୁଭବ କରିବେ । ଭାଇ ଭଉଣୀଙ୍କ ସହଯୋଗ ପାଇବେ ।

କୁମ୍ଭ
ରବି, ସୋମବାରରେ କର୍ମକ୍ଷେତ୍ରରେ ବ୍ୟସ୍ତତା ମଧ୍ୟରେ ରହିବେ । ସମାଜରେ ମାନସମ୍ମାନର ଅଧିକାରୀ ହେବେ । ମଙ୍ଗଳ, ବୁଧ, ଗୁରୁବାରରେ ବ୍ୟବସାୟରେ ପ୍ରସାର ହୋଇପାରେ । ଶୁକ୍ର,ଶନିବାରରେ ଆର୍ଥିକ କ୍ଷେତ୍ରରେ ଉନ୍ନତି କରିବେ । ବନ୍ଧୁବାନ୍ଧବଙ୍କ ସହଯୋଗ ପାଇବେ ।

ମୀନ
ରବି, ସୋମବାରରେ ପରିବାରରେ ଏକତା ବଢ଼ିବ । ମଙ୍ଗଳ, ବୁଧ, ଗୁରୁବାରରେ ବିଭିନ୍ନ କ୍ଷେତ୍ରରୁ ସଫଳତା ପାଇବେ । ବ୍ୟବସାୟ ବିସ୍ତାର ପାଇଁ ନୂତନ ପଥ ଉନ୍ମୋଚନ ହେବ । ଶୁକ୍ର, ଶନିବାରରେ ସୁଖ ସନ୍ତୋଷର ଅଧିକାରୀ ହେବେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । ■